ନାଦଶ୍ରୀ
ଶ୍ରୀଜଗନ୍ନାଥ ଦେବ ବର୍ମା

ପ୍ରଗତି ପ୍ରକାଶନୀ—ପଞ୍ଚଦଶ ଅବଦାନ

ନାଦଶ୍ରୀ

ଶ୍ରୀ ଜଗନ୍ନାଥ ଦେବ ବର୍ମା

ପ୍ରକାଶ କରିଚନ୍ତି—

ଶ୍ରୀ ଜଗନ୍ନାଥ ଦେବ ବର୍ମା,
ଟିକଲି ।

ପ୍ରଥମ ପ୍ରକାଶ—
ଏକ ହଜାର

ପଚ୍ଛଦପଟ ଆଙ୍କିଛନ୍ତି—
ଶ୍ରୀ ଗୋପାଳ କାନୁନ୍‌ଗୋ,
ପୁରୀ ।

ମୂଲ୍ୟ—
ଏକ ଟଙ୍କା

ମୁଦ୍ରଣ କରିଚନ୍ତି—

କମଳ କୁମାରୀ ପ୍ରେସ୍‌,
ଟିକଲି ।

ଉପାୟନ

ଉତ୍କଳର ବରପୁତ୍ର , ଭାରତ-ସେବକ
ପଦ୍ମଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ.
ମହୋଦୟଙ୍କ କର କମଳେଷୁ:-

ତବ ବାହୁ ବନ୍ଧନେ ହସେ
ଶତ କଂକାଳ
ଭୁଲି ଅତୀତର ଶତକାହାଣୀ

ତେଣୁ ଆଜ ତବ କର
ସ୍ୱର୍ଣ୍ଣ କୁଶେଶୟେ
ଅରପେ ମୁଁ ଜୀବନର ସଙ୍ଗିନୀ ।

ଆପଣଙ୍କର
ଗୁଣମୁଗ୍ଧ
ଜଗନ୍ନାଥ ଦେବ ବର୍ମା

ବୋଧନ

ଦୁଇଟି ଚକ୍ଷୁ ଓ ଗୋଟିଏ ହୃଦୟ—ଏ ତିନୋଟିର ପରସ୍ପର ମିଳନରେ କବିତା-କୁସୁମ ଫୁଟିଉଠେ ମେଲେ—। କଳ୍ପନାର ସ୍ନେହାବେଶ ମଧ୍ୟରେ ଯେଉଁ କେତୋଟି କବିତା ରୂପାୟିତ ହୋଇଛି ତାହା ଏକତ୍ର ସମାବେଶ ହୋଇ 'ନାଦଶ୍ରୀ' ପ୍ରକାଶ ପାଇଲା । ତାହା କେତେଦୂର ଧ୍ୱନିଯୁକ୍ତ ହୋଇ ପାରିଛି ସେ କଥା ମୋର ପ୍ରିୟ ପାଠକ ପାଠିକା ବିଚାର କରିବେ ।

ଏଥିର କେତୋଟି କବିତା 'ସହକାର', 'ନବୀନ' ପ୍ରଭୃତି ମାସିକ ପତ୍ରିକାରେ ଏଥିପୂର୍ବେ ପ୍ରକାଶ ପାଇ ସାରିଛି । ଅତ ସେଇ ଉତ୍ସାହକ ସମ୍ପାଦକ ମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରି 'ନାଦଶ୍ରୀ' ପ୍ରକାଶରେ ଅଗ୍ରସର ହେଲି ।

ପରିଶେଷରେ ଉତ୍କଳର ଲବ୍ଧପ୍ରତିଷ୍ଠ କଳାକାର ତଥା କବି ଶ୍ରୀ ଗୋପାଳଚରଣ କାନୁନ୍‌ଗୋ, ବି. ଏ. ମହୋଦୟ ଏଥିର ପ୍ରଚ୍ଛଦପଟ ଆଙ୍କି 'ନାଦଶ୍ରୀ'କୁ ରୂପାୟନ କରିଥିବା ଯୋଗୁଁ ତାଙ୍କର ନିକଟରେ ମୋର ସୌହାର୍ଦ୍ଦ୍ୟ ଆନ୍ତରିକତା ଜ୍ଞାପନ କରୁଛି ।

ଇତି
ଆପଣଙ୍କର
ଜଗନ୍ନାଥ ଦେବ ବର୍ମା

—ସୂଚୀ—

ସୂଚ	— ଓ —	ପୃଷ୍ଠ
୧	କାବ୍ୟରାଣୀ	୧
୨	ବେଦନା	୬
୩	ବର୍ଷାଗୀତ	୮
୪	ଅମୃତ ଅନୁଭବ	୧୩
୫	ହେ ପାନ୍ଥ ମନ୍ଥର ଅଧୀର	୧୪
୬	ମନେନାହିଁ	୧୯
୭	ଘର୍ଣ୍ଣ ଗୀତ ! ଛାଡ ଆଜ ଗୋଆ	୨୧
୮	ସ୍ୱପ୍ନ	୨୬
୯	ଜୟଦେବ	୨୮
୧୦	ମାଗେ ତବ ଶେଷ ଦାନ	୩୧
୧୧	ତୁମେ ଓ ମୁଁ	୩୪
୧୨	ଏଅ ମୋତେ ଭଲ ଦୁବା	୩୬
୨୩	ସେଇ ମୋର ଆତ୍ମ ପରିତୃପ୍ତି	୪୦
୧୪	ପଥ ପ୍ରାର୍ଥନା	୪୨
୧୫	ଛାୟା	୪୫
୧୬	ଜୀବନର ଜୟଗାନ	୪୬
୧୭	ନୈଶ ସ୍ୱପ୍ନରେ	୪୯
୧୮	ଝଦାୟୁ ମିଳନ	୫୩
୧୯	ପ୍ରତିଧ୍ୱନି	୫୮
୨୦	ଉପାର	୬୧

୨୧	ଅନୁନୟ	୬୭
୨୨	ଅଗସ୍ତ୍ୟ ଅର୍ଘ୍ୟ	୬୯
୨୩	ଗଂଗାଧର	୭୫
୨୪	ସ୍ମୃତି ତର୍ପଣ	୭୯
୨୫	ଦଅ ଆଜ ଭୂମି ଅଧିକାର	୮୧
୨୬	ଜୀବନ	୮୬
୨୭	ତରୁଣ କବିର ଖେଦ	୯୧

କାବ୍ୟରାଣୀ

ଓଗୋ କାବ୍ୟରାଣୀ !
ଜୀବନର ନିତ୍ୟ ଅନ୍ଧକାର କୁଞ୍ଜେ
ମୌନ ଭ୍ରମ ଅପାଙ୍ଗ—ସ୍ୱର୍ଦ୍ଧାଣୀ
ରଚେ ଶତରୂପ, ଅହେ ମୁକଲ୍ୟାଣୀ !
ନବ ଉନ୍ମେଷିତ ବସନ୍ତର ମଧୁ ହାସେ
ଝଙ୍କୃତ ସୁରମ୍ୟ ଆକାଶେ—
ଶିହରିତ ପୁଷ୍ପ ସଜୀବିତ
ଲତା ଗୁଳ୍ମ ଶୋଭୀ କଳନାଦିତା କୁଞ୍ଜେ
ଦେଖିଛି ମୁଁ ତତେ
ନିର୍ନିମେଷ ନେତ୍ରେ
ଶିଳ୍ପୀ ଯଥା ଆଲେଖ୍ୟ ଦର୍ଶନେ ନିଜକୁ ନିଜେ ନ ପାଏ ପରତେ ।

ଶୁଣିଚ ମୁଁ
ବସନ୍ତ—ବଜପୁ—ଅଗ୍ରଦୂତ ପିକ କଣ୍ଠେ
ସ୍ନିଗ୍ଧ ମଧୁର ସରସ କଥନ–
"ଆସିବ, ମୁଁ ବସନ୍ତ ଆସିଲଣି—ଏଇ ଆସିଗଲା--"
ମଞ୍ଜରିକାର ଶ୍ୟାମଳ ନୀଡ଼ରେ
ବନ ପଥେ ନବ ଦୂର୍ବାଦଳେ
ପୁଣି ଅନଳ ଲମ୍ବିତ ସ୍ବର୍ଣ୍ଣଶସ୍ୟଶୀର୍ଷରେ
ମଥାକୁ ମଥା ସେନେହେ ଲଗାଇ
ଭରିମାଡ଼ି ପ୍ରାନ୍ତରେ ପ୍ରାନ୍ତରେ ମନ୍ଦ ସମୀରେ
କେଉଁ ଦୂର ବସୁମଣି ଖାଲେ
ନଭ ଯହିଁ ବରଷନ୍ତି ଚନ୍ଦ୍ରବାଳ
ପୁଣି ଆସୁ ଗୁଳ ଛନ୍ଦମୟୀ
ଦେଖେ ମୁଁ ତନିତ ମୋର ଅପଳକ ଦୃଷ୍ଟି ପାତେ
ଅବର୍ଣ୍ଣନ ସୁଗଭୀର ଅନୁରାଗେ ।
ପ୍ରାତ ଛଳ ଛଳ ଶତଦଳେ ଭୋର ଶିଶୁନୀଡ଼ା
ଆଦ୍ୟ ମଳୟେ ଚେଳ ଶତ୍ରୁତେଙ୍କୁର–
ନଶି ଶେଷର ଅମ୍ବର ଚୁମ୍ବିତ
ପ୍ରଥମ ଉଦ୍ଧଗ ଡାକେ ତୋର କୁମାରୀ କୁନ୍ତଳ
ଶରତର ହସନ୍ତ ଜ୍ୟୋତ୍ସ୍ନାଲୋକେ
ପିନ୍ଧ ମାଳ ଝରୁଚଳ
ଅନାଉ ତୁ ମତେ—

କାଦମ୍ବିନୀ

ସୌନ୍ଦର୍ଯ୍ୟ ଦର୍ଶନେ କଣନାହିଁ ତୁ ଅନ୍ତର
ଥକାଇଲୁ କେତେ ମୋ କଳ୍ପନା ପ୍ରଖର ।
ସନ୍ଧ୍ୟାକାଶ ଅଙ୍କେ ଛନ୍ଦା ମାଧବଙ୍କର ମଧୁ ଚରଣସ୍ପୃ
ଦେଖାଇଚୁ ମତେ ଯେସନ୍ତେ ବାସର ନାୟିକା –
ବରଷାର ଉଚ୍ଛୁଳା ନଦୀ ସ୍ରୋତେ ଭସାଇ ଦେଇଚୁ
ଆତ୍ମା ମୋର ଜୀବନ ନଉକା –
ଗଳିତ ମୁଁ ଅମରଣ ଦାନୀ
ଆରେ ଶ୍ୟାମ ସ୍ନିଗ୍ଧ ଗାତ୍ରୀ ।
ଅୟି ଦୁଷ୍ଟା, ଖଳ ଶିରୋମଣି,
ନିତ ନିତ ଏକ ତୋର ଶିଶୁ ଢଙ୍ଗ ପୁଣି –
ଚଦେନି କଥାରେ ତୋର ଦେଖଇ ମୁଁ
କଟାକ୍ଷ ସୁଲଭ ତୋର ଗୁମାନ-ଗାରିମା
ଦୂର ନୀଳ ପର୍ବତ ଚୂଳେ ଅପଲକ ଦୃଷ୍ଟାଣୀ
କେତେ କରୁଣ କମନୀୟ ଭାବ
ପ୍ରେମର ସର୍ପିଳ ଝରଣା
ଉଠେ ତହିଁ ଉକାଣି ଉକାଣି
ଉଦାସ ନୟନେ
ଚଲଚଳ ମୋର ଚବଞ୍ଚନାହିଁ ।
ନନ୍ଦର ଅମ୍ବର ତଳେ ଖେଳି ଉଠେ
ଶିନ୍ଦୂରଣ, ଅପୂର୍ବ କଂଚନ
ସତେ ଅବା ସପ୍ତସ୍ୱରର ଝଲକ ବିନ୍ୟାସ –

ମଧୁର ଉଲ୍ଲାସେ
ଆଗାମୀର ସ୍ୱପ୍ନ ସିଦ୍ଧି ପାଇଁ ବଢ଼ାଉଛ ଅମୃତ ମୋ ପୁଟେ?
ପୁରାତନ ବଲ୍ଲକୀର ତାରେ
ଦେଇ ସଖୀ ନୂତନର ନିଶା—
ଝଙ୍କାରର ଉଚ୍ଛ୍ୱସିତ ନିଶ୍ୱାସେ
ବୋଧକରେ ତୋର ସ୍ନେହ-ତୃଷା ।
ମନେ ମୋର ବାଜେ ଆଗମନୀ
ଚଳମିତ ଚରଣର ଛନ୍ଦେ
କଣି କଣି କରେ ଗୋ କଙ୍କିଣି ।
ମନ ପଥେ ହଜିଯାଏ କେତେ
ନୂତନଟି ଫୁଟି ଆଶା ଧରି
ଜୀବନର ମାହେନ୍ଦ୍ର ମୁହୂର୍ତ୍ତେ - - -
ଅନୁଭୂତି କାହିଁ ତା'ର ସରି ?
ଶେଷହୁଏ ତମିର ଶର୍ବରୀ —
ନିସ୍ୱାନର ଅଭିସାରେ ସିନା
ପୁରାତନ ଭୁଲେ ସ୍ମୃତି ଧରି ।
ଜୀବନର ସୁଖ-ଦୁଃଖ ପଥେ
ଦେଖା ଦେଲୁ ସଖି ମତେ କ୍ଷଣେ-
ଧରଣୀରେ ପଡ଼ୁ ଅବା କଣ୍ଟା
ଫୁଟୁ ମୋର ବେପଥୁ ଚରଣେ ।
ହଜୁ ଅବା କଳ୍ପନା ମୋ କ୍ଷଣେ

ହସୁ ଅବା ଅପର ମୁହୂର୍ତ୍ତେ
ଦୁଃଖେ ତୁହି ଭୁଲାଇବା ମୋତେ
ମୁହିଁ ଅବା ଭୁଲଏ ଗୋ ତୋତେ ।
ଅରେ ପକ୍ଷି ! ହସାଇ ମୋହରେ
ଶରଧାରେ ଗୁନ୍ଥି ରକ୍ତ ଭୁଷ
ଅବା ମୋର ଲୋତକ ବୁହାଇ
ତୋତେ ଦେଉଁ ଆଶ୍ୱାସନା ବନ୍ଧୁ ।
ତୋର ପଥେ ପଥେ ମୁହିଁ ଗଲେ
ଅବା ମୋର ପଥେ ତୁହି ଗଲୁ
ନବୁଝୁ ଏ ଧରା କେଉଁକାଳେ
ଆମେ ଅବା ବଞ୍ଚିଲୁ କି ମଲୁ ।
ଅନ ପଥେ ଆମେ ଯିବା ଚାଲି
ଜମିଉ ଏ ଧରା ପରବନ୍ଧ—
ପଛେ ବେଣୁ ବାଜେ କି ନବାଜେ
କାନ ଡେରି ଶୁଣିବାକୁ ଫେର ।
ମୋ ଦୁଃଖର ହେବୁ ତୁହି ଅଶ୍ରୁ
ତୋ ଆନନ୍ଦେ ହେବି ମୁଁ କୃପଣ —
ମୋ ଆଲୋକେ ହେବୁ ତୁ କିରଣ
ତୋ ଅସୀମେ ଯୋହର ମୁକୁତ ।
ନଥିବରେ ଆଜ୍ଞ ଛନ୍ଦମୟ
ମଞ୍ଜନର ମହାମନ୍ତ୍ର ପାଣେ ମୁଖରିତ ନାଦକ୍ଷୀ ଚନ୍ଦ୍ରୁ ।

ବେଦନା

ବସନ୍ତ ଯାଇଛି ଫେରି, ବେଦନାର ନ କହିଲି କଥା,
କର ଯୋରେ ତପ୍ତ ଗଣ୍ଡ ତଟ, ନିମୀଳିତ ନେତ୍ର ଦୁଇ ପତା;
    କଣ୍ଠୁ ଆରେ ନ ଫୁଟିଲ ଭାଷା,
    ଗର୍ଭ ପରେ ମଉଳଇ ଆଶା. —
        ଝରିପଡେ ଅଶ୍ରୁ ଅଖଣ୍ଡିତା—
        ବେଦନାର ଏକ ନିର୍ମମତା !

ହିମଗିରି ତଳେ ବହ୍ନି ଜଳେ, ସମିଧର ମିଶଇ ତା'ଭୁଟେଲ,
ଅନଳର ଊର୍ଦ୍ଧ୍ୱଶିଖା ପରେ ଆଦ୍ରାମ୍ଭିତ ସ୍ୱର୍ଣ୍ଣିତାର ଝଟେଲ;
    ସଇକତେ ତୃଣ ପଡେ କେନ୍ଦୁ,
    ଚେତନା ତ ଧକାଇଛି ଦେନ୍ତୁ—

ବେଦନା

ମନ ତାହା ନାହିଁ ନାହିଁ ଭୁଲେ,
ଉଜ୍ଜୀବିତ ଯଉବନ ମୂଳେ ।

ଫାଗବତ ତୃଳାଏ, କ୍ଷୀଣ ଶ୍ୱବ ପ୍ରକଟେ ସ୍ମିତ ନିଶ୍ୱାସୁ,
ତମ୍ବ-ଭେଳା ବୁଡଯାଏ ଖରେ ଘୂରଭିତ ସ୍ରୋତେ ସମୁହସୁ;
ବନାଗର କ୍ଲାନ୍ତ ଲତା ଫେଠେ
ବନ୍ଧରର ଗୀତ ଧାସ୍ୱ ଭୁଟେ—
ବିଚଳିତ ଶୁଷ୍କ ଠାପୁ ଚରେ
ପବସର ଆକୁଳିତ ପାଂଶୁ ।

ବର୍ଷାଶୀଷ

ମାଟିର ଭକ୍ତ ଆଜ ନେବ ହର୍ଷେ ଜୀବନକୁ ବରି ;
ହେ ବର୍ଷା ! ଶ୍ୟାମଳ ସୁନ୍ଦର ! ଆସ ଆସ ମର୍ତ୍ତ୍ୟେ ଅବତରି ,
ଆଜ ତୁମ ଅମ୍ବରରେ ଆସିଛି ଶୂନ୍ୟତା—
ଶ୍ରାନ୍ତ କ୍ଲାନ୍ତର ଛନ୍ଦ୍ ତ ଶାସନ—
କର୍ମ କ୍ଷେତ୍ର ଲେଖନୀକି ମୋରେ-ଦେଖୁ ଯନ ଶକ୍ତି ଅକର୍ମଣ୍ୟ ।
ଦୁର୍ବିସହ ଏ କଠୋର ଯନ୍ତ୍ରଣା—
ନଭୋଦର ପାଣ୍ଡୁର ଅତ୍ୟାଚାରରେ
ସୁନ୍ଦରର ସୌମ୍ୟ ସାଧକ ଆଜ ବାଟବଣା ।
ଦୁର୍ବଳର ଆଜ ନେତ୍ର ନୁହେ ସାହା ;
କପାଳରେ ହାତ ଦେଇ ଅନାଇଛି ବସୁନ୍ଧରା ବକ୍ଷେ
ସ୍ନିଗ୍ଧ ମାଟି ଫାଟି ପଡଅଛି ମହାନ୍ ଜ୍ୱଳନ୍ତ ଦଗ୍ଧେ ।

ବର୍ଷାଗୀତ

ନୈଶବାଳିମା-ଝଙ୍କତେ ନାହିଁ ମଳୟର ସ୍ପର୍ଶିଳ ଧାର;
ସ୍ପନ୍ଦନର ଶୁଷ୍କ ଜିହ୍ୱା ଚଟଃ ଫୁଟି ଉଠେ ମୌନ ହାହାକାର;
ବନ୍ଧୁ, ତାପେ ଏ ପ୍ରକୃତି ପାଣ୍ଡୁରର ଛଳ
ଚଞ୍ଚଳ ଚଞ୍ଚଳ—
ଆସ ଆହେ ମାଟିର ଭୂପତି ହର ଗ୍ରୀଷ୍ମ-ସ୍ୱଦଣକୁ ଦଳ ।
ଧୂଳି ଧୂସରିତ ନଭ ପଥେ ଗୃହିଁ ଥକିଲାଣି ନିର୍ଜଳ ନୟନ ;
ଦୁଇ ଗଣ୍ଡେ ଦୁଇଧାର ଅଶ୍ରୁ—
ସ୍ପନ୍ନ ସେ ଶୁଷ୍କ ନଦୀ ସମ;
ଆସିନାହିଁ ବର୍ଷା, ସମସ୍ତର ଆଜ ଏକ ଖର ସନ୍ତରଣ—
କେବେ ସେହୁ ମୃତ୍ତିକା ପରଶି ଶପଥକୁ କରିବ ଗ୍ରହଣ ?
ବ୍ୟର୍ଥ ଆଶା, ବ୍ୟର୍ଥ ସତେ ଜୀବନଟା ଖାଲି—
କହ ବର୍ଷା
ଝର ଝର ସ୍ୱେଦକୁ ସେ ଆଜ ମଣ୍ଡିବନ୍ଦ ଭ୍ରମ କଣୁ ବୋଲି ?
ଆଷାଢ଼ ଗଲାଣି ଜ୍ୱଳି ଅନଳ ଜ୍ୱଳନ ନେଏ ଦେଖି ଦେଖି—
ଚଲ ପ୍ରାନ୍ତେ ନଦେଖନ୍ତି କହୁ ଲେଖି—
ନିଷ୍ଠୁର କସ ବଇଶାଖ ସମ ଫଟାଇଛି ବ୍ୟତକର ବଣ୍ଡ ;
ନିସ୍ପନ୍ଦ ବଳକାକୁଳେ ଟାଣି ନେଇ
ସିନ୍ଧୁ ବକ୍ଷେ ଝସାଇଛି ଖଣ୍ଡ ;
ପାଶବିକ ଘୋର ଅତ୍ୟାଚାର
ମୃତକୁଳ ଭୁଲାଇ ସେ ନେଇ ତଟି ଚପି ଦେଇଅଛି ମାର ;
କଳି ଯୁଗର ଅଦ୍ଭୁତ ଗୀତ —

ନାନ୍ଦୀ

ମାଘଚରର ସ୍ୱର୍ଣ୍ଣଟ୍ଟର ମାଧୁ ଦଗାଦଅଃ ବଂଧି ରଜନୀତ ।

(୨)

ଆସ ଆଜ ଶ୍ରାବଣ ଧୂସର ଶର ଅଭିଗମ !
ନିତ୍ୟ ଝର ଝର ସୁଧା ଝଗଳନ ପୁଣ୍ୟ ଧାମ !
ତବ ମହାସ୍ପର୍ଶ ଲଭି
କୋଟାଏ ଲଙ୍ଗଳେ ମୂର୍ତ୍ତି ଲଗାଇବ ହାତ ;
ଉଠିବ ଜନ୍ନତେ ଗାଇ ନୃତ୍ୟ ମୋର ମାଟିର ଜଗ ;
ମାଟି ଭକ୍ତ ପୂଜିବ ତା' ମାଟିର ଦେବତା—
ଯେ ନେବ ତା'ବ୍ୟଥାକୁ ସାଉଁଟି କହ ଧୀରେ ପଦ୍ମୁଟି ଏ କଥା ;
ତାରେ ସେ ପୂଜିବ ପ୍ରାଣ ଦେଇ—
ପାଇବ ସେ ଅମୂଲ୍ୟ ଫସଲ ;
ସାଧନା ଦେବ ସଫଳତା—
ଆସ ଆହେ ମାଟିର ଦେବତା !

(୩)

ପୁଲକନ୍ତୁ ବସୁନ୍ଧରା ଆଜ ତବ ଅମୃତ ପରଶେ ;
ହେ ଯାଯାବର ! ଆସିଚଳ ବର୍ଷକରେ ମୋର ଏହଦେଶେ—
ଓଷ୍ଠ ତବ ଫୁଟିବ ସ୍ୱରୁ କୁନ୍ଦ କାଶ—
ଅଭିସାରେ ଚହଟିବ ଶ୍ୟାମଳ ସୁବାସ—
ସଞ୍ଚରିବ ମଉଳିବା ଆଶା , ନଦୀ କୂଳେ ପଡିବ ଚହଳ—
ତୋ ଚୁମ୍ବନେ ଲଭିପିବ ଦୁସ୍ଥ ଜୀବନର ଢବ୍ରାନ୍ତ ବକଳ ;
ପାଷାଣ ମଣିବ ମନେ ମହା ସମ୍ମାନ—

ବର୍ଷଶୀଷ

ଜଳ-ପ୍ରିୟା ଲୋଟିବ ତା ବୁକେ ;
ମୃତ୍ୟୁଞ୍ଜୟ ସଙ୍ଗୀତ ଫୁଟିବ ଜୀବନର ଛିନ୍ନ ତନ୍ତ୍ରୀ ମୁଖେ ;
ଉତ୍‌ଥିତ ଭାବନା ତାର ଖୋଜିବ ଭାଷାକୁ—
ପବନର ଗନ୍ଧ ଗଉରବ ଭେଟେ ସିନା ଉଦଙ୍କ ନାସାକୁ ;
ହେ ବର୍ଷା !
ପୃଥ୍ୱୀ-ବଧୂ କରିବ ବନ୍ଦନ ହୃଦେ ଆପି
ତବ ଉନ୍ମାଦନ ଚରଣ ଯୁଗଳ ;
ହେ ଶ୍ୟାମଳ !
ଆସ ଆଜ ଭୁବନେ ଓଡ଼ାଇ ହର୍ଷ-ଅଶ୍ରୁରେ
ନେତ୍ର କରି ଛଳ ଛଳ ।
ଏଇ ବନ ବୁକୁ ରଞ୍ଜିଲାଣି ପୁଷ୍ପ—
ଶୁଭିଲାଣି ମୟୂର କାହାଳୀ—
ନାଚିଲାଣି ତୃଷାର୍ତ୍ତ ଚାତକ—
ଆମ୍ଭେ ମୋର ଦରିଦ୍ର-ସଂଖାଳ
ବଞ୍ଚୁଳର ମଞ୍ଜୁଳ କୋରକେ
ଲାଗିଲାଣି କର୍ପୂର ଆଲସ୍ୟ
ଶ୍ରାବଣର ସୁଗନ୍ଧୀର ସଙ୍ଗେ ।
କେ କହିବ ମାଟି ଭଲ କଥା
ଆଜି ତାର ଚିତ୍ତ ଉଦ୍ବେଳିତ—
ଦଳ ଦଳ ଘନ ଦିବେ ବୃଷ୍ଟି
ହୃଦେ ଭରେ ଆଶାର ସଙ୍ଗୀତ ;

ନାଦଶ୍ରୀ

ମେଘାଲୋକୁ ଆସିଲ ଆଦେଶ
‘ମୂର୍ଖ, ଅଜ୍ଞାନ ଅବୋଧ ବାଳୁତ !
ଯାଅ ଶୀଘ୍ର
ସ୍କନ୍ଧେ ତୋର ହଳ ଧରି ଆସ ।’
ମାଟି ଭକ୍ତ ଧାଇଁଲ କୁଟୀରେ
ହଳ ସ୍କନ୍ଧେ କେଦାରେ ଚଳଇ
ଆଗେ ଆଗେ ବଳଦ ମନ୍ଥରେ
ଗୁଳିତ ତ୍ରିଅଟି - - - - - -
ମୃଦୁ କଣ୍ଠେ ଠାକଲା ଫୁଟଇ ।
ଭବ ବସି ଲେଖଇ କବିତା, ଗାୟକ ଗାଏ ମଧୁର ଗୀତ,
ଚିତ୍ର-ଶିଳ୍ପୀ ଆଙ୍କେ ନବ ଛବି ,
ମେଘ କୋଳୁ ରସ ଆସେ ସ୍ରବି ।
ଗୁରୁ ବଜ୍ର ନାଦେ କହେ ଶମ୍ପା ଶିରେ ଢାଳି ମଙ୍ଗଳ ଗୁମର
‘ହେ ମୋର ମାଟିର ତନୟ !
ଧରଣୀର କର୍ମ-ରଥେ ହେଉ ତୁମ ନିତ୍ୟ ଅନନ୍ତ ବିଜୟ ।’

ଅମୃତ ଅନୁଭବ

ଲିଭିନାହିଁ ଲିଭିନାହିଁ ଲିଭିନାହିଁ ଦୀପ
ପଲ୍ଲବନ ତଳେ ଆଜି ଜଳେ ଦପ ଦପ ।
ପ୍ରଣୟର ଗଉରବ ଭୁଞ୍ଜେ ମୁହିଁ ସଖା
ଜୀବନର ଉଦ୍ଦାମତା ପଡ଼ଶ ହେ ଦେଖା ।
ହୃଦୟ ଇନ୍ଧନ ଅଜି ଲାଗି ବେଦନ ପାଶେ
ଝର ରଙ୍ଗରେ ସେ ପୁଣି ଜଳକଳ ଆସେ ।
ଅର୍ଦ୍ଧ ଝଟି ପାଇଁ ତାର କୋମଳ ଚରଣ
ତଥାପି ଜୀବନେ ଝରେ ଅମୃତ କରଣ ।

ହେ ପାନ୍ଥ ନହୁଅ ଅଧୀର

ହେ ପାନ୍ଥ !
ଆଜି ପୁଣି ସେଇ ତ୍ରିବେଣୀ ସଙ୍ଗମ—
ତୀର୍ଥ ପଥେ
ମେଲୁଛି ସେଇ ଆଶା-ଚକ୍ଷୁ—
ଥରେ ଯାହା
ଚନ୍ଦ୍ରାବର୍ତ୍ତେ ଫେରିଥିଲି ଅଞ୍ଜନେ ବାନ୍ଧୁଡ଼ି !!
ପୁଣି ସେଇ ପ୍ରାଚୀନ ପ୍ରଭାତ—
ଥରେ ଯାହା ପାଇଥିଲି ଜିଣି !!
କି ଲଭ କହତ ଭଲି ?
ଜୀବନର ଅର୍ଦ୍ଧ ପଥେ
ସକଳ ସାଧନା କରି

ହେ ଚାନ୍ଦ ନହୁଅ ଅଧୀର

ଅସୀମକୁ ନ ଥିଲେ ଧର ।
ହେ ଲୋଚକ ଚାନ୍ଦ !
ପୃଥ୍ୱୀ ଆସିଛ ଲେଉଟି ?
ଅନ୍ତରୀକ୍ଷ ଛଡ଼ା ଦେଇ !!
କହ ଚାନ୍ଦ !
ବାନ୍ଧିକି ପାରିବ ତମେ
ଦମ୍ଭ ଧରି
ଏ ଦୁରନ୍ତ ପାଦାସ୍ପନେ ?
ତ୍ରିଧାମର କ୍ଷୀଣ ଶିଖା
ରକ୍ଷିବଛ ଅଂଚଳେ ?
ଏଇ ଅଙ୍ଗେ
ବହିକି ପାରିବ
ସାଧନାର ନାଗୁଡ଼ ଆଘାତ ?
ଦେଖ ଚାନ୍ଦ !
ତୁମେ ଏକ ନୀଳା ପୁତ୍ତଳିକା—
ତୁମେ ଏକ ପ୍ରିୟା ସାଥେ ପ୍ରେମ କଣା ବଳା ;
ସକଳ—ସଂଗ୍ରାମର କୁହାଟ—
ଦୂରେ ଗର୍ଜି ଉଠେ ଭୀମକାନ୍ତ ସିନ୍ଧୁ—
କ୍ଲାନ୍ତ କ୍ଷୁର୍ଣ୍ଣ ଦିଗନ୍ତ ସୈକତେ
ଉତ୍ତୁଙ୍ଗ ଲହରୀ
କୁମ୍ଭୀର ସମ ପାଟିଫାଡ଼ି

ଜାତକ୍ଷୀ

ଅଚ୍ଛି କେତନ୍ତ ଅନାଇ
ଗ୍ରାସି ଦେବା ପାଇଁ କଳ୍ପିତ ଧରଣୀ ;
ନଭସ୍ଥଳ ତ୍ରିଭୁବନ ଭେଦ
କରୁଅଛି ଜାଳଗର୍ଭୀ ଝଞ୍ଜାବାତ
ବିକଟ ସଞ୍ଚରଣ ;
ଅନନ୍ତ ବିସ୍ତୃତ ପଥେ
ଦକ୍ଷିଣେ ଓ ବାମେ
ପ୍ରକୃତିର ଦୋଳାୟିତ କ୍ଳାନ୍ତ ତନୁ-ଲତା
ଥରି ଉଠେ ମୂର୍ଚ୍ଛିତ ନିଶ୍ୱାସେ ;
ମାନବର ଜୀର୍ଣ୍ଣ ଇତିହାସ—
ବିକ୍ଷୋଭିତ ଆକୁଳ
ଅଶ୍ରୁ-ମୁକ୍ତା ଫଳ—
ତନ୍ଦ୍ରୀ ବିଚ୍ଛୁରିତ ।
ଦେଖ ପାନ୍ଥ !
ସୁଦୂର ତଟିନୀ ତଟେ
ବିଶାଳ ବଟ ଦ୍ରୁମ ତଳେ
ଲୁଣ୍ଠାପ୍ଲୁଣୀ କଳା ଶାଢ଼ୀ ଛିନ୍ନ
ଯେପରିକି କ୍ଳାନ୍ତ ନିବାରୁଣ ହାଇ ମାରୁ !
ବାମ ଦିଗେ ଅଶୋକ ଦୁର୍ଗ—
ମେଘନାଦ ପ୍ରାଚୀର--
ଟଳ ମୁଣ୍ଡ ତୀତ ;

ହେ ପାନ୍ଥ ନହୁଅ ଅଧୀର

ବିଳାସ-ଭୋଗ
ପ୍ରେମିକ-ପ୍ରେମିକାର ଭୁଜ ବନ୍ଧନ—
ମତ୍ତ ଉଚ୍ଛୃଙ୍ଖଳ ଅତ୍ୟାଚାର—
ରଣ ଦେଖି—
ଚଣ୍ଡାଶୋକ ପାଲଟିଲ ଆଜ ଧର୍ମଧ ପ୍ରଣେ :
ରକ୍ଷିତ ସୁଦୃଢ଼ ଦୁର୍ଗ
କରି ଧ୍ୱସ୍ତ ସେମନ୍ଥନ ।
ଜୀବନ-ପ୍ରବାହେ ବାନ୍ଧନାଅ ଅସୀମରେ
ତବ ତରୀ ଲଙ୍ଘି ଝଞ୍ଜା, ବୃଷ୍ଟି ,
ବାତ୍ୟା, ପ୍ରଚଣ୍ଡ ପ୍ରଳୟ ,
ପୁଣି ପ୍ରବଳ ତୁଷାରପାତ ।
ଯୌବନର ସୁଷମା ତଳ ତଳ ଅଙ୍ଗେ
ସମ୍ଭାଳିଅ ସବୁ କ୍ଲେଶ ପାନ୍ଥ—
ନହୁଅ ଅସ୍ଥିର ;
ଶିବ ମନ ହୁଅ ଧୀର ।
ଯେ ପଥିକ ଫେରି ,
ଆଉ ଆସିନି ଲେଉଟି—
କାନ୍ଦେ ତା'ର ଅତୃପ୍ତ ପିପାସା !
ଘୁରି ବୁଲେ ଆଖେ ପାଖେ
ବୁଭୁକ୍ଷିତ ପ୍ରେତ ତା'ର !
ଶ୍ମଶାନ !

ଦର ପୋଡା ମୁର୍ଦାରର ଗନ୍ଧ—
ସ୍ଫୁଲିଙ୍ଗ—
ମନ୍ତ୍ରବାଚ—
ଧୂମ୍ର ନଭେ ଉଡାଇଛି ବହ୍ନିର ପତାକା !
ସୃଷ୍ଟିର ଲୀଳା—
ଏଠି ତାର ସମାପ୍ତ—
ଅହୋ, ଭସ୍ମର କେଡେ ଅହମିକା !!
ଏଠେ କନ୍ଧ ଲୁଚିଯାଏ
ଆପଣା ଗଇଳେ
ମୁଗ୍ଧ କଣ୍ଠ ।

ମନେନାହିଁ

ଦେଖିନାହିଁ ତୁମକୁ ମୁଁ ତପନର ମଧ୍ୟାହ୍ନ ମୟୂଖେ
ଅବା କେଉଁ ଜ୍ୟୋତ୍ସ୍ନାର ଆଲୋକେ
ବସନ୍ତର ମଣ୍ଡପ ତଳେ ଅବା କେଉଁ ଚୂତ ପଥ ପ୍ରାନ୍ତେ
ପିକର ସୁତୀକ୍ଷ୍ଣ କଣ୍ଠ ଖରେ ଦେଖିନାହିଁ ତୁମକୁ ମୁଁ କେବେ
ଜୀବନର ଆରମ୍ଭେ ଅବା ମୋର ଅନ୍ତେ ।
ଦେବାଳୟେ ଡାକେ ଘଣ୍ଟା ନୀରାଜନାର ମୃଦୁଳତ ଗନ୍ଧେ
ମୃଦଙ୍ଗର ନିକ୍ୱଣିତ ଛନ୍ଦେ
ନିଶିଥର ଦୁଇଟି ନେତ୍ରେ ଗୃଲେ ଯେବେ ପରସ୍ପର ଅନାଅନି
ପ୍ଲବଙ୍ଗ ପକାଏ ଡାପ, ଦୃଷ୍ଟି ତଟରେ ଗ୍ରୀଷ୍ମ ନିର୍ଝରଣୀ
ଦେଖିନାହିଁ ତୁମକୁ ମୁଁ ଥରେ

ନାଦଶ୍ରୀ

ବିସ୍ମୃତ କର୍ମେ, ଅବା ଅମ୍ଳପାନ ଧାରେ, ଅଶ୍ରୁପାତେ ଅବା ଅବସରେ,
ବୀଣାର ସ୍ପନ୍ଦନ ସ୍ୱରେ, ଅବା ମୁରଲୀର ଅସ୍ଫୁଟ ରାଗେ
ଶିଶୁର ଜ୍ଞାନ ବୋଧ ନେତ୍ରେ ଦେଖିନାହିଁ ତୋତେ
ସନ୍ଧ୍ୟାର ବହ୍ନିଶୀର୍ଷ ଧୂମ୍ରିଳ ଗଗନେ ଅବା କେଉଁ ପକ୍ଷୀର ସରଳ
ଶୁଭ୍ରଡେଣାରେ
ପକ୍ଷୀର ଚଞ୍ଚଳ ଆହାରେ ଅବା ହରିଶ୍ଚନ୍ଦ୍ରର ମାଂସ ଦାନେ
ଦେଖିନାହିଁ ତୁମକୁ ମୁଁ କ୍ଷଣେ ;
ଜୀବନର ସେ କେଉଁ ଲଗନେ ଭୁଲିଥିଲି ବୃଥା ଅକାରଣେ
ଅବା କେଉଁ କ୍ଷୁଧା ଅନ୍ୱେଷଣେ
ଦେଖିଲି ମୁଁ ତତେ
କୁହୁଡି ଆବୃତ ସେଇବରଫରମାଡେ ଝୁଲୁଥିଲୁ ତପ୍ତଜଳବନ୍ଦ୍ରନେଇ
ସେଇ ତୁଇ ଦେଖିଲାତ ମୁହିଁ
ବର୍ଷିଲ ନମିତ୍ର ପାଣେ ଏବେ ମୋର କିଛି ମନେ ନାହିଁ ।

ଭଦ୍ରକଣି, ୮-୩୦,
୩-୯-୧୯୫୪ ।

ପର୍ତ୍ତୁଗୀଜ ! ଛାଡ ଆଜି ଗୋଆ

ପର୍ତ୍ତୁଗୀଜ ! ଛାଡ ଆଜି ଗୋଆ
ତୁମର ଓ ଆମର ସାକ୍ଷାତ ଘଟେଁ ନାହିଁ ଯେବେ ଏ ଦୁନିଆଁ
ତୁମେ ତାକୁ ଧରିଚରେ କିଆଁ ?
ପର୍ତ୍ତୁଗୀଜ ! ଛାଡ ଆଜି ଗୋଆ ।

ବହୁଦିନ ହେଲଣିରେ ସଖା
ତୁମର ଓ ଆମର ବନ୍ଧନ,
ଲଗିଲଣି ଦୁର୍ବିଷହ, ମନେ
ଜଳିଲଣି ବିପ୍ଳବ ଇନ୍ଧନ;
ଉଠିଲଣି ମାନବ ଶରୀରେ
ଦାନବର ବିଦ୍ରୋହ ଅନଳ,
ଝଟିକାର ତୀବ୍ର ସୁରା ପିଇ
ହୋଇଛୁରେ ଆମେ ମତୁଆଲ;

(ତୋର) ମନ୍ହବୂନ ଆଉ ଅତ୍ୟାଚାର
ଚଙ୍ଗୁଗୀଜ ! ଗୁଡ ଆଜ ରୋଆ, ସେଠି ତୋର ନାହିଁ ଅଧିକାର
ତୋର ସେଇ ମ୍ଳେଚ୍ଛ ଅଙ୍ଗରସେ ପ୍ରସବିତ ଘୃଣ୍ୟ ପୁଞ୍ଜି ପତି
ଜନତାର କଣ୍ଠେ ବାଜିତରେ କେତେ ସେଇ ରକ୍ତଶୋଷା ଦାନ୍ତ
କପୁଡିତ କେତେ ବକ୍ଷ ଧରି ଜନନୀର ଶୁଷ୍କ କ୍ଷୀର ଧାର
ଶିଶୁ କଣ୍ଠେ ଫାଶିତରେ କେତେ ଟକ୍ଷୁଧୀନ ହାତ ହତଆର
ନାହିଁ ଆଉ ଆଜ ତୋର କ୍ଷମା
ଦକ୍ଷିଣର ଗଗନ ବିତାନେ
ଦେଖିଲଣିରେ କୃଷ୍ଣ ମେଘ ଜମା ।
ଶୁଭିଲଣି ମେଘର ଦୁନ୍ଦୁଭି
ଉଠିଲଣି ଆକାଶକୁ ଦଳ
ଝଡ ଆଜ ଦାନ୍ତ ଚିପି ହସେ
ଫାଟା ମେଘ ତଳେ ଚଗଲ ଖେଳ,
ବତାସ ଯେ କରେ ରେ ମନ୍ତ୍ରଣା
ଅଶନି ଯେ ଟଖାଏ ତା ଛୁରି
ମେଘ ବକ୍ଷେ ମୂହୁର୍ମୁହୁ ଆଜ
ଭୃକୁଟିରେ ଶମ୍ପାର ଶିକୁଳି
ସେଇ ଧରେ ଯାଉଛିରେ ଉଡ
ବୃନ୍ଦଉର କୃଷ୍ଣ ସେ ଇଗଲ
କୁଳପୃଷ୍ଠୁ ବାଡ ବକ୍ଷେ ଝାଡ ,

ପର୍ତ୍ତୁଗୀଜ ! ମୁକ୍ତ ଆଜ ଗୋଆ

ଦୃଷ୍ଟି ମୋର ଥିଲା ତାର ସାଥେ
ଭୂବଳୟୁ ଉଠୁଥିଲା ଥରି
ନବପଥ୍ ମୋ ପଦ୍ମର ଆଘାତେ ।
ରଜ ମାର୍ଗେ ଥିଲା ମୋର ପାଦ
ମନ ସେଇ ଗୋଆର ଖବରେ
ପଥଧାରେ ବସି କେ କଙ୍କାଳ
ଖାଉଥିଲା ପୋଷ୍ଟ ରୁଟି ଫାଳେ
ଉଡାଉ ସେ ଥିଲା ମାଛି ଦଳ
ଚୋଟକା ତା' ବ୍ରଣର ପୂଯ୍ୟନେ
ପାଉଥିଲେ ମଧ୍ୟାହ୍ନ ଆହାର ।
ଛୁଟିଥିଲା କନ୍ଧାକା ହଡ୍‌ସନ୍
ଜନତାର ସାହା ପଥ କାଟି
ମାନ୍ୟବର ମନ୍ତ୍ରୀ କଲେ ବକେ,
ପ୍ରଦର୍ଶନୀ ଦେବେବରେ ଉଦ୍‌ଘାଟି,
ଗାଡଗଲା ଉଡାଇ ପତାକା
କାନେ ଆସି ବାଜିଲା ହଠାତ
ହାଟେ ଧରି 'ସମାଜ' ହକାର
କହେ ଉଠେ ଗୋଆର ସମ୍ବାଦ
"ଗୋଆର ସେ ପ୍ରଥମ ସମ୍ବାଦ
ପର୍ତ୍ତୁଗୀଜ ଲୁଟି ମାଡେ ପ୍ରାଣ
ତେଜଚନ୍ଦ୍ର କ୍ଷ୍ମ ଅମୀର ସ୍କଂଦ ।"

ମେଘ ଝାଙ୍କେ ବସନ ଗୈରିକ
ଗୋଆ ପଥେ ଗଲେ ଆଜ ଦେଖ ପୁଷ୍ଟଚନ୍ଦ୍ର ପ୍ରଥମ ସୈନିକ;
ଇତିହାସ ଦେଲ ତାକୁ ବରି
ଆହେ ମୋର କଙ୍କାଳ ଜନତା
ପ୍ରଣିପାତ କର ହାତଯୋଡ଼ି ।
ମୃତ୍ୟୁରଥେ ମୃତ୍ୟୁପଥେ ଗଲେ
ଆଜ ସେଇ ମହା ମୃତ୍ୟୁଞ୍ଜୟୀ
ଏଇ ତା'ର ଉଷ୍ଣ ରକ୍ତ ଧାରେ
ଗୋଆ ଭାଗ୍ୟ କମଳ ଫୁଟାଇ
ସ୍ୱଦେଶର ମୁକ୍ତି ପଥେ ଧାଇଁ
ମରି ସେ ତ ହୋଇଛି ଅମର
ମୃତ୍ୟୁ ତୁମେ ଜୁଝିଥିଲ ପରା
ଜହ୍ନା ତଟେ ଫୁଟାଇ ଠାକର ?
କାହିଁ ତୁମ ସେଇ ଆସ୍ଫାଳନ ?
ଦେଖ ମୃତ୍ୟୁ ! ପଦତଳେ ତାର
ଦଳି ହୋଇ ଯାଉଛ କେସନ !
ମେଘ ଡାକେ ଗୁରୁ ଗୁରୁ ଗୁରୁ
ଭୀମ ଆଜ ଗଦାର ଆଘାତେ
ଫଟାଇବ ଦୁର୍ଯୋଧନ ଉରୁ ।
ବନ୍ଧୁ ମୋର ଆହେ ପର୍ତ୍ତୁଗୀଜ !
ଦିଅ ଆଜ ମଧୁର ବିଦାୟ

ପର୍ତ୍ତୁଗିଜ ! ଛାଡ଼ ଆଜ ଗୋଆ

ଦେଖିଲଣି ଆମକୁ ତ ଦେଶ
ଦୁଇଶତ ବର୍ଷ ହେଲା ପ୍ରାପ୍ତ,
ବାଅ ଲେଖି ଗୁଡ଼ଏଦେନ ଆଜ
'ଏଠି ଆମ ଅକ୍ରମ ମିଳନ'
ଏଥି ହେଳ ଆଜିରେ ଷଡ଼ାଯ୍ୟ
ମୁଖ ତବ ନ କରରେ ମ୍ଳାନ,
ଶ୍ରାବଣର ସୂର୍ଯ୍ୟ ଆସେ ନଇଁ
ଶକୁନ୍ତ ବନ୍ଧିତରେ ଏଠି
ଗାନ୍ଧାରର ପତାକାଠି ନେଇ ।
'ପର୍ତ୍ତୁଗିଜ ! ଛାଡ଼ ଆଜ ଗୋଆ
ସେଠି ତୁମ ନାହିଁ ଅଧିକାର'
ତୁମ ପଥେ ଲେଖିବରେ ବସି
ଭାରତର ନବ ପଞ୍ଜିକାର
ଆଜକାର କାବ୍ୟକ ସ୍ୱାକ୍ଷର
ଅଯନ୍ତ୍ରା କାଳକୁ ଏ ହେଉ ଜନତାର ଆଦ୍ୟ ଇସ୍ତାହାର ।

୨୯.୭-୧୯୫୪

ଝଞ୍ଜା

ଘାସ ପରେ ଅଶ୍ରୁ ଉଠେ
ଉତ୍ସବର ପର୍ବ ଅନୁପାନ
ଲଣି ଦୂଏ ଅମାବାସ୍ୟା ଘନେ
ବ୍ୟଥାର ସହାନ୍ତ ମୋର
ପୁଞ୍ଜ ଭଙ୍ଗେ ଗଗନ ନନ୍ଦନେ—
ଜଳଧିର ଫେନଯୁକ୍ତ ଊର୍ମି
ଝେରୁଆ ଉପଲେ
ମାରେ ଛାଁର ଡେଣା
ଟଳି ଆସେ ଧୃତି;—
କ୍ଲାନ୍ତ ଏ ଗନ୍ଧବହ

ଝଡ଼

ଦଡେ ଦୂର ଚକ୍ରବାଳେ
ପକ୍ଷୀ ଯାଏ ପକ୍ଷୀ ଆସେ ବହି
ଶାନ୍ତହୁଏ ନାହିଁ ତାର କ୍ଷୁଧା
ଶଙ୍କିତ ତା' ଅନ୍ତର
ଯା'ସ ପରେ ସୃଷ୍ଟି କରେ ଝଡ଼ ।

ଅଂଗୁଳ ପାର୍ମିଙ୍ଗ-୮,
୧୦-୮-୧୯୫୪

ଜୟଦେବ

କେଉଁ ମୁହୂର୍ତ୍ତ କୁର୍ତ୍ତିରେ ତୁମେ କବି ଚଷେ ଫୁଲ
କାବ୍ୟ ଦେଇ ଦୂକାନ୍ତ ଦେମଲ
ଜୟଦେବ ତୁମେ
ଅବତରିଥିଲ
କେନ୍ଦୁବିଲ୍ୱ ଗ୍ରାମେ
ଫୁଟାଇ କାସାରେ ଅମୃତ ଶତଦଳ ।
ତୁମ ଆଗମନେ ଉଠି—
ଚାଇଲା ନବ ଗୀତ ଶତ ବିହଙ୍ଗ ସ୍ୱର
ପ୍ରାଚୀ ତଟିନୀର
ଛଳ ଛଳ ଜଳ ଛଳ
ମିଶୁଥିଲା ସେଇ ବଙ୍ଗୋପସାଗର ।

ଜୟଦେବ

କେଉଁ ଯେ ଦେବତା ଅଳସ୍ୟେ ବାଜିଲ
ଶତାବ୍ଦୀ ଶୁଭ୍ର ଘଣ୍ଟ
ଆରତ୍ତିର ଧାରେ ଉକୁଟିଲ ମେଦୁରତା
ଏ କାଳେ କେଉଁ ସେ ଭଙ୍ଗା କୁଟୀରେ ଶୁଭେ
‘ଗୀତ ଗୋବିନ୍ଦ’ ଶିଶୁର ପ୍ରଥମ କଣ୍ଠ ।
ମଳ ଚନ୍ଦ୍ରର ବାନା
ଶାନ୍ତ ବକ୍ଷ୍ୱପେ ଅନାଇଲ ଭୂମିତଳେ
ଶିଶୁ ଗୋବିନ୍ଦ ଖେଳେ
କହ୍ନତା’ ଶ୍ରବଣେ ବାଣୀ
ଉଡିଲାରେ ଫରଫର
ଦହ୍ନଭୂତିର ଛଟିଲ ଉଦ୍ଧ ହେଲେ
ତ୍ରିଭଙ୍ଗୀ ବେଣୁ ଛାଡ଼ି ।
ପଲିଲି ବନରେ ପଦ୍ମ ଫୁଟିଲ
ଗଗନେ ଝରିଲ ହାସ
ଭୃଙ୍ଗୀ ଡାକିଲ ଆଧ ସଖି ଆସ ଆସ
କହିଯିବା କେତେ କଥା
ଶୁଭିଗଲ ଝିଁକରବ
‘ଦେହି ପଦ ପଲ୍ଲବ’—।

ତୁମେ କବି ସେଇ
କାନ୍ତ ପଦର
ଅମର କାନ୍ତ କବି

ନାତଗ୍ରୀ

ନିଖିଳ ବିଶ୍ୱେ ରଚେଜେହେ ତୁମର
କାନ୍ତ କାବ୍ୟ ଛନ୍ଦ
କବି ଗାଏ ତୁମ ଗୀତ
ରହ ଅସେ ମୁଗ୍ଧ
ଅନୁଧ୍ୟାନ ଉଦେ ମନାକାଶେ ତାର
ଭାବନାର ନବ ରଥ ,
ପାଏ ନାହିଁ ମୋର ହାତ
ମଉନର ମୁଖେ ଫୁଟେ ନାହିଁ କିଛି
ମୁଗ୍ଧ ମୁଁ କରେ ପ୍ରଣିପାତ ।

ଅଷାଢ଼ ପ୍ରଭାତ,
୨୯-୬-୧୯୫୫

ମାଗେ ତବ ଶେଷ ଦାନ

ଉତ୍ସବ ପରେ ଉତ୍ସବ କେତେ ବହିଯାଏ କାଳ ସ୍ରୋତର,
ନାଟକରେ ଭୂମି ରଖିଗଲୁ ମୋତେ ସେଇ ସେ ଜୀର୍ଣ୍ଣପୋତେ ।
ପଛେ ପଛେ ମୋର ବୁଲିଗଲେ କେତେ ତରୁଣୀ ତାପସୀଦଳ,
ସିନ୍ଦୂର ଘଟରେ ଫୁଟାଇ ମଞ୍ଜୁ ସିନ୍ଧୁଜ ଶତଦଳ ।
ଆଗୁସାର ହୋଇ ପଡନ୍ତି ରହିଲୁ ବନମଧୁ ଜନ୍ମ ଜନ୍ମ,
ଖସି ସେ ପଡଇ ଅବ୍ଧି ଗହ୍ୱରେ ମଙ୍ଗଳି ଧନୁ ଧାରୁ ;
ଗଗନେ ହସଇ ଶଶି ;
ଭୃଙ୍ଗ ଲହରୀ ସିନ୍ଧୁ କପୋଳେ ଗର୍ଜଇ କ୍ଷୁବ୍ଧେ ଖସି ।
ଶରତ ଶୁଭ୍ର ଘନ ରଞ୍ଜିନ ; କୁମାର ପୁନେଇଁ ଆଜ,
ହୃଦୟର ଶତ ମନ୍ଦର ପୁରେ ମୃଦଙ୍ଗ ଉଠେ ବାଜ ।

ସ୍ୱପ୍ନ ଜଳର କଳଙ୍କ ଢାଳି ମର୍ମର ଫାଟିଛି ମାଝେ ;
ସ୍ଥିର ପ୍ରାନ୍ତର ଜଡ ଶୃଙ୍ଖଳ ସନ୍ଧ୍ୟା ପଡ଼ିଛି ଭାଜି ।
ତରଙ୍ଗରେ ଆଜି ଆହ୍ଲାଦଲହରୀ ମଧୁ ମୂର୍ଚ୍ଛନା ପୂଜା ;
କେତେ ସ୍ୱନ ଆଜି ନୀରବ ଶେଷଦେହେ ଫୁଟୁନାହିଁ ମନେ ତ ଭୁଖା ;
ଯାହା ହଜିଗଲା ଯାଉ,—
ଏ ମମ ଆଳସ୍ୟେ ବଳସ୍ୱ କିଏ ମୁର୍ଛିବ ନିକି ଆଜି ?
ଧରଣୀ ବର୍ଣ୍ଣର ନାହିଁତ ବେଦନା, ସକଳ ଦୁଃଖ ମ୍ଲାନ ;
ଶୁଭ୍ର ଜ୍ୟୋତ୍ସ୍ନା କର୍ପୂର ଜନକ ବର୍ତ୍ତିଚି ହୃଦୟ ସ୍ଥାନ ;
ଅଧରେ ଖେଳଇ ହାସ—
ପଥେ ପଥେ ଆଜି ବର୍ଷି ପଡ଼ିଛି ଅମଳ ଗନ୍ଧ ବାସ ।

ନରମ ବଦନ ପରଶେ ସଜାଇ
ନିର୍ମଳ ମାଳ ଓଢ଼ଣା ପକାଇ
ଅମୃତ ଲେପି ଅସୀମ ଅସ୍ୱନେ
ସମ୍ମାନ ଦେଇ କାହାର ଚରଣେ
ଅଗୁରୁ ପ୍ରଦୀପ ଚନ୍ଦନ ଧୂପେ
ହସାଇ ରସାଇ ଅନନ୍ତ ରୂପେ

ଉଲ୍ଲାସେ ଅଛି ଘୁଞ୍ଚି—
ଉଦ୍ଧାମ ଏଇ ପବନ ଖେଳା , ଫଳକରେ ପଡ଼ନାହିଁ ।
ଚିକ୍କଣ ନଭେ ଭାସଇ ଶ୍ୱେତ ଶୁଭ୍ର ଜଳଦ ମାଳା ,
ମଲ୍ଲୀ କୁସୁମେ ପରିପୂର୍ଣ୍ଣ ଏ ମୁକ୍ତାର ଗୁଚ୍ଛ ଡାଲା ;

ମାଗେ ତବ ଶେଷ ଦାନ

କିଶ ଶିରେ ଶିରେ ଶୋଭୁଛି ମୁକୁଟ ଊର୍ଦ୍ଧ୍ୱକୁ ଟେକ ଚୂଳ ;
ଇନ୍ଦ୍ର କୁମାଣ୍ଡ ମର୍ଦ୍ଦିତ ରେଖା ରଞ୍ଜିତ ତରୁ ମୂଳ ;
ଶରତ ଲଗନେ ଚନ୍ଦ୍ରଦେଗ ଆଜ ହର୍ଷର ମାଦକତା ,
ଗଗନେ ପବନେ ଭୁବନେ ଟେକୁଛି ଶୁଭ୍ର ଚନ୍ଦ୍ରିକା ଛଟା ;
ହେ ମୋର କର୍ଣ୍ଣଧାର !
ଏକା ତରଣୀଟି ଏ ଭବ ସାଗର ହେବ କି ଆଜ ପାର ?
ତୁଷ୍ଟି ପରେ ଆଜ ଅଦ୍ଭୁତ ବେଦନା ବଢାଏ ବହ୍ନି ସମ—
ଶୁଷ୍କ ଏ ଘନ ଗହନେ କାନ୍ଦେ ଚିତ୍ତ—କଣ୍ଟପାନ୍ଥ ମମ !
ଏ ଦୀନ କୁଟୀରେ ପଡ଼ିବ କି କହେ ଚରଣାମ୍ବୁଜ ତବ ?
କେତେ ଦିନ ପାଇଁ ସଂସାରେ ଆଜ ଅଛି ଏଇ ଅନୁଭବ ?
ସକଳ ବାସନା ହଜିଯାଏ ମୋର ତୁମ ପଥ ଚାହିଁ ଚାହିଁ—
ଏତେ ନିର୍ମମ ପାଷାଣ ଦେବତା ସତେ କି ଆସିବ ନାହିଁ ?
ହେ ମୋର ନାବିକ ପ୍ରିୟ !
ଜୀର୍ଣ୍ଣ ଆଜ ଏ ଭେଳା ଭାସିବାକୁ ମନଟି ଦିଏ ଦିଏ ।

୧୪-୧୦-୧୯୫୧ ,
କୁମାର ପୂର୍ଣ୍ଣିମା ।

ତୁମେ ଓ ମୁଁ

ତୁମର ଓ ମୋର ନୀରବତା ମେଳେ
ଆନନ୍ଦର କ୍ଷୁଦ୍ର ନୀଡ ପାରୁବତ କରଇ ରଚନା
ପ୍ରଭାତର ପ୍ରଥମ ନିଶ୍ୱାସେ
ଝଙ୍କୃତ କରେ ସବୁଜ-ବିଷାଦ
ରାତ-ଧୌତ ପୃଥିବୀ, ଆକାଶେ ।
ତୁମେ ଯହିଁ ମତେ
ଓ
ମୁଁ ?
ତୁମକୁ
ସୂର୍ଯ୍ୟର ପ୍ରଥମ ତାପ ବାନ୍ଧେ ଦୁଇ ନୀଳ ପଲ୍ଲବକୁ ।
କ୍ଷୁଦ୍ର ସେଇ ମୃତ୍ତିକା ଗେହ୍ମୁ ଶ୍ରେଷ୍ଠ ମଥା ଟେକି

ତୁମେ ଓ ମୁଁ

ବୃନ୍ତେଁ ଶାନ୍ତେ ପିପ୍‌ପୀଳିକା
ଚକ୍ଷୁଣରେ ଜଳଉଠେ ସ୍ନେହର ଦୀପିକା
ଆଲୋକ ଝରେ ତାର ଶିରେ
ଉର୍ଣ୍ଣନାଭ ବୁଣଇ ଜୀବନ
ବର୍ତ୍ତିଳ ବାସ୍ତବ
ଆମେ ଉଠୁ—ଆମର ପଲକ ଅରୁଣକୁ ଧରେ ।
ଗାଭୀର ପୀବର ସ୍ତନେ ଲଗେ ଉତ୍ଫୁଲ୍ଲ ସ୍ପର୍ଶ
ଅପ୍ରସ୍ଥାନ୍ତ ମଣି ଆକର୍ଷ
ସୁଖର ଆହ୍ୱାନେ
ସମୀରର ବେଣୁ ରନ୍ଧ୍ରେ ଫୁଟଇ ପଦ୍ମ ପାଖୁଡ଼ା ।
ଚହଲଚ ନାରିକେଳ ଶାଖାମାଡ
ପୃଥିବୀର ଚେତନା ଭିତରେ କ୍ଷୁଦ୍ର ଶିଶୁ ଦଏ ଖଣ୍ଡି ଉଙ୍କା
ତୁମେ ନିଅ ମୋର ମନ
ଓ ମୁଁ ? ଭ୍ରମର ଆଖି—
ଶିଶିର ଭିଜା ଘାସ ପରେ ଚଳାଇ ମୋ ପାଦ
ବୁଲିଯାଏ ଦୂର ବନ ପଥେ
ପତଙ୍ଗୀର କଳ କୋଳାହଳ ମଧ୍ୟେ
ଦୀର୍ଘ ବ୍ୟବଧାନେ
ପାଏ ଯେବେ ତୁମକୁ ସାନିଧ୍ୟେ
ବାହୁଡ଼ା ଚରଣେ ମୋର ଲଗେ ନାହିଁ ଦୁର୍ବାର ନିଶ୍ୱାସ
ମୋତେ ଦେଖି ତୁମେ ହସ

ନାଦଶ୍ରୀ

ମୁଁ ଚାଏ ତୁମର ଚରଣ
ଏ ପୁଣି ଆମର ଜୀବନ
ଏଥିକୁ ସତରେ କଣ କର ତମେ ସମ୍ପୂର୍ଣ୍ଣ ବିଶ୍ୱାସ ?

ଦିଅ ମୋତେ କରି ଦୁବା

ସେଇ କଂକାଳ ସ୍ତୂପେ ,—
ଫୁଟାଇ ଦେ ଯଦି ବସନ୍ତ ମୋତେ ଦଳିତ ଦୁବା ରୂପେ
ସେଇ କଙ୍କାଳ ସ୍ତୂପେ ।
ସେଇ କଙ୍କାଳ ସ୍ତୂପ ତଳେ ଶୋଇଲେ ଲକ୍ଷ ଜନର ଲନ୍ଧୁ
ସେଇ ସ୍ତୂପ ଆଜି କରିଛି କବଳ ଛତି ପତି ଓ ବନ୍ଧୁ ;
ତାରି ତଳେ ମାଟିରେ ଶତ ଜନତାର ଅନ୍ତର ଉଚ୍ଛ୍ୱାସ
ଦେଶ ପାଇଁ ସେ ଯେ ରଖିଯାଇ ଅଛି ଅଟଳିତ ବିଶ୍ୱାସ ;
ମାତୃର କ୍ଷୀର ଲାଞ୍ଛିତ ଦଗ୍ଧ ସେଇ କଙ୍କାଳ ସ୍ତୂପେ
ସ୍ତନନ୍ଧୟର କଣ୍ଠ ଛୁଟିଛି ଦେଶ-ପବନ—ସ୍ତୂପେ ;
ସେଇ କଙ୍କାଳ ସ୍ତୂପେ—
ଫୁଟାଇ ଦେ ଯଦି ବସନ୍ତ ମତେ ଦଳିତ ଦୁବା ରୂପେ ।

ସେଇ କଙ୍କାଳ ସ୍ତୂପ ତଳେ ମୋର ବନମ୍ର ହେଉ ମଥା
କୋଟି ଜନ୍ମର ସୁଖ ଓ ଦୁଃଖ ଭଜନାଉ ମାରବତା ,
ଚକ୍ଷୁର ମାରେ ଶୁଭ୍ର ଲଭ୍ରତା' ପଟଳ ପଡ଼ଲ
ଏ ମୋର ଅଙ୍ଗେ ଫୁଟି ଉଠ୍ ତାର ଫୁଟନ୍ତ ପଦ୍ମଳ
ଅନ୍ତରେ ମୋର ବାଜ ଉଠ୍ ତାର ଜୟ ଅମୃତ ଗାନ
ଜୀବନ ଲକ୍ଷ - କଳ୍ପନା—ରବ ହେଉ ସେଥି ଅବସାନ ,

ସେଇ କଙ୍କାଳ ସ୍ତୂପେ

ଫୁଟାଇ ଦଅ ହେ ଏ ଜୀବନ ମୋର ଦଳିତ ଦୁବା ରୂପେ ।
ସେଇ କଙ୍କାଳ ସ୍ତୂପତଳେ ଥରେ କୋଟି ଜନତାର ହିଆ
ଶୋଣିତ—ଦୁର୍ଗ ଅସ୍ଥି ଭିତରେ ଅାଜ ବ କାଭନ ନଆ ,
ହୁତୁ ହୁତୁ ହୋଇ ଜଳ ଉଠେ ସେଥି ଜଳାଇ ତଉହାର ,
ବକ୍ଷେ ଫୁଟାଇ ଲକ୍ଷ ନୟନ ; ଘୃଣା ଓ ଅନୁରାଗ ;
ପତି ଓ ପତ୍ନୀ ମିତ୍ର ଓ ସଖା ବନ୍ଧୁ ଓ ସହୋଦରେ
ସେଇ କଙ୍କାଳ—ସ୍ତୂପ ଅନ୍ତର ଭିତର ସେନେହ ଡୋରେ ।

ସେଇ କଙ୍କାଳ ସ୍ତୂପେ

ଫୁଟାଇ ଦଅ ହେ ଏ ଜୀବନ ମୋର ଦଳିତ ଦୁବା ରୂପେ ।
ସେଇ କଙ୍କାଳ ସେଇ କଙ୍କାଳ ସେଇ କଙ୍କାଳ ତଳେ
ପଞ୍ଚ ସକାଳେ ବାଜଇ ଶଙ୍ଖ ଭୈରବ କୋଳାହଳେ .
ବାଜଇ ଘଣ୍ଟା ଜଳଇ ଆଳତି ବଢ଼ଇ ପଦ୍ମଳ ଧୂପ
ନତ ନତ ସେଠି ହସି ଉଠନ୍ତି ଲକ୍ଷ ଲକ୍ଷ ରୂପ ;—

ଦିଅ ମୋତେ କରି ଦୁବା

ଲକ୍ଷ ଲକ୍ଷ ନୟନୁ ଝରେଇ ତସ୍ନଧର କରୁଣା ଝର
ଦେଶ ପାଇଁ ସେ ଯେ ଭୁଲିଛି ପତ୍ନୀ ସନ୍ତାନ ଆପଣାର ।
ଭୁଲିଛି ସକଳ ସୁଖ ସୌଭାଗ୍ୟ ନିଜକୁ ଦେଇଛି ଯୂପେ
ହୋଇ କଙ୍କାଳ ସ୍ତୂପେ
ଫୁଟାଇ ଦିଅ ହେ ଏ ଜୀବନ ମୋର ଦଳିତ ଦୁର୍ବା ରୂପେ ।

ଚୈତ୍ର ଉଷା— ୭,
୧୫-୪-୫୭

ସେଇ ମୋର ଆତ୍ମ ପରିତୃପ୍ତି

ଦେବତାଙ୍କୁ ଡରେ ମୁଁ ବହୁତ
ଭୁଞ୍ଜି ମରଣ ତାର ଗର୍ଜ୍ଜରବ;
ଜ୍ଞାନ ମୋତେ ଦିଏ ନିତି ନିତି
କହେ ତାଙ୍କୁ ତୁମ୍ଭ ହିଁ ଗୌରବ।
ତା'ଠୁଁ ବଳି ନାହିଁତ ନରକ
ସେଇ ଅତି ମ୍ଲେଚ୍ଛ ବସ୍ତୁବାଦ,
ତା'ର ପାଇଁ ଅଶ୍ରୁ ମୋର ଝାଳ
ଘୃଣା ପୂରି ନିନ୍ଦା ଅପବାଦ।
ଅଟେ ସେଇ ଅତହିଁ ନିଷ୍ଠୁର
ନାହିଁ ତାର ହୃଦେ ତିଳେ ଦୟା,

ସେଇ ମୋର ଆତ୍ମ ପରିତୃପ୍ତି

ମଣିଷର ଜୀବନକୁ ନେଇ
ରଚେ କରେ ଛନ୍ଦ ମହାମାୟା ।
ମଣିଷର ସାଥେ ତାର ଖେଳ !
ସାବଧାନ ଆରେ ରେ ପିଶାଚ,
ଛୋଟିଛଟି ଦେବ୍ ତାର ଆଜି
ଘୁଞ୍ଚ ଯିବ ସେଇ ଖେଳ ନାଚ ।
ପିଇବରେ ଆକଣ୍ଠ ଭରସେ
ତୋର ସେଇ ଟଳଟଳ ରକ୍ତ
ଖନ୍ ଖନ୍ ଖୁନ୍ ଖୁନ୍ ଅଜି
ସେଇ ମୋର ଆତ୍ମ ପରିତୃପ୍ତ ।

ଚୈତ ଜଣି ,
୧୨·୪-୧୯୫୭

ପଥ-ପ୍ରାର୍ଥନା

ଲକ୍ଷ ଲକ୍ଷ କୋଟି କୋଟି ଜୀବଗଣି
ଜନ୍ମ ଦେଲ ତାରେ ସମାଦରେ
ସବୁର ପ୍ରାଣରେ ଦେଲ ଭରି ଅମୃତର ବିନ୍ଦୁ
ପ୍ରଭୁ ଆହା କେଡେ କରୁଣାରେ ।
ସବୁକୁ ପାଇଲ ଭଲ, ହର୍ଷେ କଲ ଆଲିଙ୍ଗନ
ସ୍ନେହ ନେତ୍ରେ ଚାହିଁଲ ସକଳେ ,
କୃପା ପାଣେ ଅଜାଡିଲ ପ୍ରଭୁ
ଆନନ୍ଦର ସୁଅ ଉଠେ ଘର ଘରେ ।
କପାଳରେ ବୁଲାଇଲ ହାତ
ପୋଛିଦେଲ ଭାଗ୍ୟ ସବୁରିର ,

ପଥ-ପ୍ରାର୍ଥନା

ମୋର ବେଳେ ହେଲ କିପାଁ ପ୍ରଭୋ
ଅକରୁଣ ନିର୍ଦ୍ଦୟ ନିଠୁର ।
କେଉଁ ପୂର୍ବ ପାପ ପାଇଁ ନାଥ
ଏତେ ବଡ଼ କଡ଼ା ପ୍ରତିଶୋଧ ,
କ୍ଷମ ପ୍ରଭୁ କ୍ଷମ ଦୟାମୟ
ଜୀବନର ସକଳ ପ୍ରମାଦ ।

ପ୍ରାତ-୭
୩୧-୩-୧୯୫୭

ସାନ୍ତ୍ୱା

ତୁମରି ନୟନ ଅଶ୍ରୁ ଝରି ଆସେ ମୋର ଦୁଇ ଚକ୍ଷୁ ଦେଇ
ମୁଦ୍ରିତ ଶତଦଳର ପାଖୁଡ଼ା ଫେଇ,
ତୁମ ଛାତିର ସ୍ପନ୍ଦନ ମାପେ ଫୁସ୍ ଫୁସ୍ ମୋର ଅନ୍ତରେ
ଅଜ୍ଞାତର କେତେକଥା ଗୋପନେ କହି ।
ହଜିଯାଏ ମନ ପ୍ରାଣ ଦୂର ଚକ୍ରବାଳେ
ମଉନେ ମୁଁ ବୁଜଇ ପଲକ
ଚଥାପିତ ତୁମର ସ୍ୱରୂପ
ହୃଦେ ମୋର ଆଣଇ ପୁଲକ ।
ନିତ୍ୟ ନିତି ବସାଅ ନୀରବେ,
କଣ୍ଠେ ମୋର ନଫୁଟାଇ ଭାଷା

ସ୍ୱପ୍ନା

ନିରାଶାର ପଥେ ମଉଳାଅ
ଶତ ଯୁଗର ଶତଦଳ-ଆଶା ,
କର୍ଣ୍ଣେ ମୋର ଶୁଣାଅ ବାରତା
ଶକ୍ତି ପୁଣି ଅନୁରାଗ ଭରା ,
ପାଦ ମୋର ଚଳାଇ ଯସାରେ
ଥରହର ତୁମେ ହିଁ ସାହାରା ।
ତୁମ ପଦ ଚିହ୍ନେ ମୁଁ ଚାଲଇ
ମଥାପରେ ଥୋଇ ଟିକା ରେଣୁକା
କାହିଁ ତୁମ ଅବସାନ କହ
ତୁମେ ଏବେ ସ୍ୱର୍ଗର ଧେନୁକା ।
ତୁମ କର୍ମ ମୋ ଦେହରେ ଆଣେ
ଜୀବନର ସ୍ପନ୍ଦ ଅଥବତା ,
ତୁମ ସେଇ ଆନନ୍ଦର ଜ୍ୟୋତି
ଦେହ-ଧୂପେ ଜଳାଏ ସଳିତା ।
ତୁମର ମେ ସାମ-ରସ-ଗୀତ
ବାଜି ଉଠେ କଣ୍ଠ ତଟେ ମୋର
ତୁମର ମେ ପ୍ରାଣ ଆକୁଳତା
ଗଢ଼େ ମୋତେ ବ୍ୟାକୁଳ କାତର ।
ତୁମ ହାସେ ଝରଇ ମୋ ଓଠୁ
ପ୍ରଣୟର ସ୍ୱର୍ଗୀୟ ଗୌରବ ,

ନାଦଶ୍ରୀ

ତୁମ କର ଚଟୁଳ ଚନ୍ଦ୍ରଟଳ
ହୃଦୟର ସକଳ ସୌରଭ ।
ତୁମେ ଆଜ ମୂର୍ତ୍ତି ସଖା ଏକ
ଏଥି କିବା ଅନ୍ତ ବ୍ୟବଧାନ ,
ସ୍ମରଣର ନିତ୍ୟ ଆବର୍ତ୍ତନେ
ମରଣର ନିତ୍ୟ ଅବସାନ ।

ଚୈତ୍ର ଦଶମୀ,
୨୦-୪-୧୯୫୭

ଜୀବନର ଜୟ ଗାନ

ତରଙ୍ଗ ପରେ ତରଙ୍ଗ ଆଜି ମନ ସିନ୍ଧୁରେ ଉଠେ
ଜୀବନର ସ୍ୱପ୍ନ ସ୍ୱର୍ଣ୍ଣ କମଳ ଗୋଟି ଗୋଟି ହୋଇ ଫୁଟେ ।
ମନ ଗଗନରେ ଝକଣି ଉଠଇ ଶତ ସହସ୍ର ତାରା
ତଥାପିହେ ତହିଁ ଉଜ୍ଜ୍ୱଳାଇ ରହେ ନୟନର ଧ୍ରୁବ ତାରା ।
ନିତନିତ ସେଇ ମୁଖ ପରଖଇ ଜଳଧି ମୁକୁର ପରେ
ନିତ୍ୟ ମଧୁର କାନ୍ତ ଲଳିତ ମୁଗଧ ପ୍ରଣୟ ଭରେ ।
ତରଙ୍ଗ ପରେ ତରଙ୍ଗ ଆଜି ମନ ସିନ୍ଧୁରେ ଉଠେ
ଏ ମୋର ମାନସ କୁରଙ୍ଗୀ ସମ କେଉଁ ବନାନ୍ତେ ଛୁଟେ ।
ଯହିଁ ଯାଏ ମନ ତହିଁ ଯାଏ ତନୁ ହରଷ ଅନୁଭବ
ଅନ୍ତର ତଳେ ବାଜଇ ମଧୁରେ ବନଝରଣାର ରବ ।

ଝରିନ ଝାଙ୍କଳ କଣ୍ଠେ କହଇ କେଉଁ ସେ ଜୀବନ କଥା
ଲୁଣ୍ଠିତତଳେ ମୋର ବାଜଇ କରୁଣ ଦୂର କପୋତର ବ୍ୟଥା,
ବ୍ୟଥାପରେ ବ୍ୟଥା ଢେଉପରେ ଢେଉ ସୈକତେ ମାରେ ମଥା
ଜୀବନର ଏକ ନିର୍ମମ ଶାପ ଅଖଣ୍ଡ ଆକୁଳତା ।
ତରଙ୍ଗ ପରେ ତରଙ୍ଗ ଆଜ ମନ ସିନ୍ଧୁରେ ଉଠେ
ସକଳ କାମନା ବନ ଫୁଲ ସମ ସ୍ନେହ-ବୃନ୍ତରୁ ଛୁଟେ ।
ଛୁଟିଯାଏ ଆଶା ଛୁଟିଯାଏ ପ୍ରାଣ ଛୁଟିଯାଏ କାହିଁ ମନ
ନିତିନିତି ମୁଁ ଯେ ଗରଳ ପାନେ କରେ ଅମୃତ ପାନ ।
ସିଗ୍ ଏ ମୋର ପ୍ରାଣ
ବୁଲ୍‌ବୁଲ୍ ତୁମେ ଗାଅ ଏ ଲଗନେ ଜୀବନର ଜୟଗାନ ।

ଚୈତ୍ର ଅପରାହ୍ନ-୧୧
୨୦-୪-୧୯୫୬

କ୍ରୌଞ୍ଚ ପ୍ରୟାଣେ

ପଶ୍ଚିମର ଶୈଳେ ନଇଁ ଆସଇ ସବିତା
ଭୃଙ୍ଗ କଣ୍ଠେ ମର୍ମରଇ ଗୋଧୂଳୀ କବିତା ,—
ବନ ବୁକେ ଘନଇଁଗଲେ ଧ୍ୱାନ୍ତ ଶ୍ଲଥାଧର
ଢନ ଫପ ପାଶେ ଚୈଳ ଢୁଳଇ ଆଖର ।
ନିପୀଡିତ ମନ୍ଦ ବାୟୁ ମନ୍ଥର ଚଳନେ
ନାରିକେଳ ଶ୍ୟାମଶାଖା! ଉଠଇ କଂପନେ ,
ଟାଣିଛୁ ସୁବର୍ଣ୍ଣ ରେଖା ନଦୀ କୂଳେ କୂଳେ ,
ଲତାସ୍ମିତ ରକ୍ତଡ଼ଙ୍କା ଉର୍ମି ଚୂଳେ ଚୂଳେ ।
ପାଦ ଦେଶେ କଳ କଳ ଅବ୍ୟକ୍ତ ଛଟିମା ,
କଣ୍ଠୀ ତଟେ ଶୋଭେ କେଉଁ ଶାଶ୍ୱତ କଙ୍କିଣୀ ।

ନାଦଶ୍ରୀ

ବ୍ଲୁକୋଷ୍ଟୁ ଉନ୍ମେଷେ ବ୍ରହ୍ମ ରତ୍ନାକର ଫାଶେ ,
ତୋର ପାଇଁ ଗିନା ଏଇ ସୃଷ୍ଟି ପରକାଶେ ।

ଚଉନ୍ଧବେଗେ ଜଞ୍ଜାଳର ଆସକ୍ତ ବଦାନ୍ୟ ,
ଜୀବର ବଳଯ୍ୱ ପଥେ ମୃତ୍ୟୁ ଭାଳ ପ୍ରାପ୍ୟ ।
ପତଙ୍ଗ ନାଚଇ ଖେଳେ ପ୍ରଦୀପ ବଳୟେ ,
ପଶ୍ଚାତେ ବୁଭୁକ୍ଷୁ ଟିକ୍ଟି ଛପି ଛପି ଆସେ ।

ଏତ ସୃଷ୍ଟି ମହାସୃଷ୍ଟି ବଚନ ଏ ସୃଷ୍ଟି ,
ନୈଷ୍ଠ ଏକ ଅନାଇତ ତାଳ ଶୀର୍ଣ୍ଣ ଦୃଷ୍ଟି ;
ଆରମ୍ଭିଛି ଜୀର୍ଣ୍ଣ ଅଙ୍ଗ ମୃତ୍ୟୁ କିମ୍ବା ତାର ,
ନେଇ ତଳେ ଅକଳନ ସ୍ୱାଦର ପ୍ରସାର ।

ଜୀବନର ଶେଷ ଯାମେ ନାରିକେଳ ହୋଟେ ,
ପ୍ରତିଦିନ ନୈଷ୍ଠ ଶେଷ ନିର୍ଘଣ୍ଟକୁ ଲୋଡ଼େ ,
ମନେ ମନେ ଭାସିଯାଏ ଶତ ଶତ ଚିନ୍ତ ,
ବଚନ ଏ ଚରାଚର ତା ଘଟ ବଚନ ।

କ୍ରୌଞ୍ଚ ପ୍ରୟାଣେ

ଥିଲା ଯେବେ ମୁକ୍ତ ସ୍ୱପ୍ନ ଥିଲା ଶକ୍ତ ଦେହ ,
ଭ୍ରମି ଭ୍ରମି ଦେଶ ଦେଶ ଉଡ଼ିଛି ଏ ନେହ ,
ପ୍ରାଚୀନ ଏ ମାତ୍ର ଚାରି ଶତ ସ୍ମୃତି ଦୀପ—
ମର୍ମେ ମର୍ମ ବାଜେ ଯେତେ ପାନ୍ଥର ନିଶୀଥ ।

ଚଞ୍ଚୁପୁଟେ ପ୍ରିୟା ଗଣ୍ଡ ଗାଢ଼ ସଙ୍ଘଟନେ ,
ଛନ୍ନମସ୍ତ ଯା' ଦେଖନ୍ତି ଅନ୍ଧ ଚକ୍ଷୁ ମନେ ।
ଆଜି କେନ୍ଦ୍ର ନାହିଁ ଯେଣେ ଏକାକୀ ନିସଙ୍ଗ ,
କାଳ ଚେତାକ୍ଷୁଧ ଜରା ଅଛି ଉଡ଼ୁ ଭଙ୍ଗ ।

ମୃତ ବନ୍ଧୁ ଯେସି ଆସେ ଗୋଟି ଗୋଟି କାଟି ,
କାଳ ଶ୍ୱାନ ଅଛି ଧାଇଁ ପ୍ରାଣ ରକ୍ତ ଚାଟି ।
ଶ୍ଲଥ ଭଗ୍ନ ଭୁଗ୍ନ ଗ୍ରୀବା ନିସ୍ପନ୍ଦ ଥାପିଲେ ,
ନେତ୍ର ଅର୍ଦ୍ଧ ଉନ୍ମୀଳିତ ଚକ୍ଷୁ ଚକ୍ଷୁ ମିଟେ ।

କୋଟି ପୃଷ୍ଠ ଲକ୍ଷ୍ୟୋତ୍ତୀର୍ଣ୍ଣ ଅର୍ଦ୍ଧ ଉଚ୍ଚାରିତ ,
ପୁଲକ ଚର୍କିଲେ ଦେହ ସ୍ତବ୍ଧ ସଂଲେପିତ ।
ଅଙ୍ଗେ ଅଙ୍ଗେ ଅନୁଭବେ ସକଳ ଏ ଲୀଳା ,
ନିତ୍ୟ ଅଭିନବ ଅଷ୍ଟା ଧରଣୀ ସୁଶୀଳା ।

ନାଦଶ୍ରୀ

ଲିଭିଯାଏ ସୂର୍ଯ୍ୟକର, ହେଲ ଅନ୍ଧକାର
ଧରିବକ୍ଷେ ଆଘାତିଲି କାଳର ଫୁତ୍କାର—
କାଳପାଣ୍ଡୁ ନିରତଳ ସମାକୃଷ୍ଟ ସେହି ,
କ୍ଷଣ ଯାଏ ବାରମ୍ବାର ଶିକଂପିତ ଦେହ ।

ଊର୍ଦ୍ଧ୍ୱମାର୍ଗେ ଉତ୍‌କ୍ଷିପ୍ତ ତ ଶେଷ ପ୍ରାଣବାୟୁ ,
ଅଜନାଙ୍କି ବେଳ ତାର କଣ୍ଠେ ବାକୁ ଆୟୁ ,
ଝଙ୍କିତ ମଣି ତାହାର ପିଠି ପକ୍ଷ ହେନ ,
ରଚିଥିଲ ଯେଉଁ ସାଗ୍ ଜୀବନକୁ ହେନ ।

ନଙ୍ଗ ବକ୍ଷେ ମାଣି ଚ୍ୟୁତ ହେଲ କ୍ରୌଞ୍ଚ ଖରେ
ଗତି ଯାଉ ଚିରନ୍ତନ ଅନନ୍ତ ସାଗରେ ।

ତାଦାତ୍ମ୍ୟ ମିଳନ

ଅବନତ ଶିରେ ଚଳେ ନବ ପରିଣୀତା
ଘନ ଚେଲ ଢାଙ୍କିଛି ବଦନ
ତନୁଲତା ଥର ଥର ଉଚ୍ଛ୍ୱାସ ଆବେଶେ
ମଧୁର ଏ ତାଦାତ୍ମ୍ୟ ମିଳନ ।
ବାହରେ ଉତ୍ସବ କନ୍ୟା କାନ୍ତ ସଙ୍ଗେ ପ୍ରୀତି
ଗଢ଼ିବ ନୂତନ ଧରା ,
ଜନ୍ମଭୂମି ମାତୃସ୍ନେହ ଜନକ ମମତା
ହେବ ଆହା ସଧୀରେ ପାଶୋରା ।
ନିଜ ଜନ ଦୂରେ ଯିବେ ଚଳି
ପର ହେବ ଅନ୍ତର୍ହିଁ ଆପଣା

ନାଦଶ୍ମୀ

ଲଜ୍ଜା ଛାର ନବାଗତ ଆଜି
କେଉଁ ମେ ଦେଶ ଅଦେଖା ଅଜଣା--
ତ୍ୟଜ ପ୍ରାଣ ଧରିତ୍ରୀ ମାତା—
ଢ଼ଳ ଢ଼ଳ ନବ କାନ୍ତା ବେଶ ,
ଜୀବନ-ଦୁଲାଳ କନ୍ୟା ଚାଲିଯାଏ,
ଚାଲିଯିବ ଆଜି କେଉଁ ଦେଶ ,—
ଛଡ଼ାଇ ଏ ଜଗତର ସ୍ମୃତି—

ବିୟୋଗ ସଂଯୋଗ ଗମନାଗମନ
ସର୍ଜକର ଏକ ସୃଷ୍ଟି ପ୍ରୀତି ।
ଶୁଭ୍ର ସେ ସଂସାରେ ଆଜି
ଲଭି ଆସେ ଜୀବନ ଆଲୋକ
ଚକ୍ଷୁଦ୍ୱରେ ଜାଗିଉଠେ ବ୍ୟଥାର ପୁଲକ,
ଚାଲିଅଛି କନ୍ୟା—

ହୃଦ ମଧ୍ୟେ ଧରି ଆଶା ସତେ
ଜୀବନର ଉଚ୍ଛ୍ୱାସିତ ବନ୍ୟା ।

ଗଢ଼ିଲା କେ ରକ୍ତ ଦେଇ
ପିନ୍ଧାଇଲା ଶିଶୁକୁ ବସନ ,
ସକଳ ଜୀବନ ସଂପି
ଯାହାପାଇଁ କଲା ଆୟୋଜନ—
ଶୋକାତୁର ଜନମୀ ଜନକ—

ବିଦାୟ ମିଳନ

ଯାହାର ଚରଣେ ଅର୍ପି
 କରେ ଆଜ ଅଶ୍ରୁ ବିସର୍ଜନ ।
ସବୁ ଅଙ୍ଗ ନିର୍ବାହିତ
 କିନ୍ତୁ ବାଜେ କରୁଣର ଶ୍ୱାସ
ଯାହାର ବେଦନା ଉଚ୍ଛ୍ୱାସେ
 ଯାହା ପ୍ରାଣ ହାସ ପରକାଶ !
ଏଣେ କାନ୍ଦେ ବିଦାୟ ରାଗିଣୀ
 ତେଣେ ଡାକେ ସ୍ୱାଗତ ସଙ୍ଗୀତ,
ଜୀବନର ଏକ ସନ୍ଧିକ୍ଷଣ
 ନବ ବଧୂ ନବ ଆନ୍ଦୋଳିତ ।
ମସୃଣିତ ମୁଖ ପଦ୍ମ ପରେ
 ସୁଗ୍ରଥିତ ଅଶ୍ରୁ ମୁକ୍ତାମାଳା,
 କି ଲେଖା ସେ ଲୁଚୁ ମୁଗ୍ଧ ବାଳା,
ଖସିଲାଣି ଦୁଇ ବିନ୍ଦୁ, ପ୍ରଥମେ ଯେ
 ତେଜିଥିଲା ବିଷାଦ ନିଶ୍ୱାସେ
ଝଲସିତ ଅନ୍ୟ ମୃଦୁ ବିନ୍ଦୁ
 ନୂତନ ସେକି ଆନନ୍ଦ ବିକାଶେ ?
 ପାଦ ତାର ଆଭୂନ ମନ୍ଥର
ମନେ ଅଛି ମାତୃ ଉପଦେଶ—
ପତି ଗୃହେ ପକାଇବ ପ୍ରଥମେ ସେପେ ବାମ ପଦୁର ।
କ୍ଷୀଣ ଭଙ୍ଗ କଟି ପ୍ରାନ୍ତେ

ନାନ୍ଦୀ

ଉଦ୍ଭାସିତ ଯୌବନର ଗୀତା—
କେତେ ଶାନ୍ତ ପୁଣି ଚପଳ ସେ ଗୀତା
ନେଇ କୋଟଣ ଦଳ ଉଠେ ଉଷାର କନକ କିରଣ
ଲଭେ ମହା ଗୌରବ ,
ଆନନ୍ଦ ନନ୍ଦନେ ଆଜ ଫୁଟାଇବ ପ୍ରୀତି ପାରିଜାତ
ମାନସର ଶୁଭ୍ର ସୌରଭ !
ହେ ନୂତନ ! ସୋହାଗିନୀ-କାନ୍ତ
କି ସ୍ପର୍ଶ ଦେଇଛ ତାରେ ନିବିଡ଼ ବେଦନାରେ ,
କାହିଁ ଯାଏ କାହିଁ ଆସେ ତାର ଛନ୍ଦ
ଚପଳ ନୃତ୍ୟ ସ୍ତରେ ସ୍ତରେ ;
ଲଭି ତବ ପରମ ବନ୍ଧନ—
ଲଜ୍ଜାବତୀ କରିବତ ଆଜ
ତୁମ ପାଦେ ଆତ୍ମ ନିବେଦନ ।
ଯୁଗ ଯୁଗ ବ୍ୟାପି ସେ ସେ
ବଢ଼ାଇ ଆସିଛି ନବ ଉପହାର
ଅଚ୍ଛିନ୍ନ ସେ ଜୀବନର ଧାର—,
ତବ ଯାହା ପ୍ରତି ପଥେ ଫୁଟିଛ ସେ ବାଳା ,
ନିଜେ ରୂପପାପ୍ତୀ ଗୌରବ କମଳ
ହେ ନବୀନ ! ଶିଖେ ତାର ଢ଼ାଳି କଲ୍ୟାଣ ଉଦକ
ବରନାଓ ଜୀବନ କମଳ ।

ଶଦାପ୍ତ ମିଳନ

ବାଜ ଉଠ୍ ପ୍ରାଣ ପର୍ଣ୍ଣୀଲସ୍ତେ
ପୂର୍ଣ୍ଣତାର ପଞ୍ଚମ ମୁରଲୀ
ଫୁଟି ଉଠ୍ କାନ୍ତ ଜ୍ୟୋତି ରୂପେ
ଅନନ୍ତର ସ୍ୱରଭିତ ଧୂପେ ।
ନିତ୍ୟ ନବ ଉପାଦାନେ ଗଢ଼
ସୁମହାନ ଜୀବନ ଜଗତ
କର୍ମ ରଥେ ସାଧକ ସାଧିକା
ହୁଅ ଆଜ ନିଷ୍ଠାପର ବ୍ରତୀ,
ମୌନ ଶଙ୍ଖ ନୁହେ ତୁମ ପାଇଁ—
ପ୍ରମୁଦିତ ଐକ୍ୟ କଣ୍ଠ ଗାଉ ଅସୀମ ସଙ୍ଗୀତ
ଜୀବନକୁ ନିତ୍ୟ ଧାଇ ଧାଇ ।
ସଂସାରର ମହା ଧ୍ୱରେ ମୁଗ୍ଧ ମୋର କବି
ସିନ୍ଧୁ ତଟେ ଥାପି ନତ ଶିର
ପଚାରେ 'ହେ ଜୀବନ
କେବେ ପୂର୍ଣ୍ଣ ହେବ ତୁମର ସେ
ପ୍ରଶାନ୍ତର ଶଦାପ୍ତ ମିଳନ ?'

ପ୍ରତିଧ୍ୱନି

ପ୍ରଦୀପ କଂଟା ଜଳାଇଲି ଅକାରଣେ
ଦେବତା ନାହିଁ ଏ ମନ୍ଦିର ପୀଠେ
ଶୂନ୍ୟ ଦେବାଳୟ ନାହିଁ ଏଥି ଧୂପର ବାସନା—
ଅବା ମୃଦଙ୍ଗ କ୍ୱଣନ ଅବା ଆଳତିର ସ୍ନିଗ୍ଧଶିଖା
ଜାଳିଲି କିପାଁ ଦୀପ
କଙ୍କଣର ଆସକ୍ତ ନିକ୍ୱଣେ ।
ଯୁଗ ଯୁଗ ଗଲଣି ସେ ହତ
ଦେବତା ତ ଆଉ ଫେରିନାହିଁ
ଆଳତି ତ ଆଉ ଲାଗିନାହିଁ
ଭାଜି ପଡ଼େ ଯାଉ ଏ ମନ୍ଦିର

ପ୍ରତିଧ୍ୱନି

ଚୂର୍ଣ୍ଣ ହେଉ ସୂକ୍ଷ୍ମ କାରୁକାର୍ଯ୍ୟ
ବ୍ୟର୍ଥ ହେଉ କାରିଗର ଶ୍ରମ
ବାହୁଡ଼ିବେନା ଆଉ ସେ ଦେବତା
ପାଦ ତାର ନପଡ଼ିବ ଏ ମସୃଣ ପାବଚ୍ଛରେ ।
ଲେଉଟାନାହିଁ ପୂଜାରଣୀର ସ୍ନିଗ୍ଧ ଉପସ୍ଥର
ଫେରି ସେ ଯାଇଛି
ବାହୁଡ଼ିବେନା ସେ ଆଉ
ଡାକ ଯେତେ ଶତ ବାରମ୍ବାର ।
ବାଦୁଡ଼ି ବାନ୍ଧିଲେଣି ବସା
ଉଡ଼ିଲେଣି ଚଟିଆର ପାଳ
ଦ୍ୱିପ୍ରହରେ, ସୂର୍ଯ୍ୟ ଟାଣେ
ଡାକିଲେଣି ବିରହ କପୋତ
ଯାମାରମ୍ଭେ ଓ ଶେଷେ—
ଡାକିଲେଣି କୌଶିକ ସକଳ
ବ୍ୟାଘ୍ର ଓ ଭଲ୍ଲୁକର ହେଲଣି ଅଡ୍ଡାସ୍ଥଳ
ଏଥି ଆଜ ଅଛି କିବା କହ
ତୁମର ସେ ଦେବତା! ସଖାଳ ?
ଫେରିଯାଅ ଫେରିଯାଅ ସଖି
ଏଥିନାହିଁ ତୁମର ଅର୍ଚ୍ଚନା
ଧୂପ , ଦୀପ , ନୈବେଦ୍ୟ
ଅଛି ତୁମ ବୀଣାର ମୂର୍ଚ୍ଛନା ।

ନାଦଶ୍ରୀ

ଖୋଲିଦିଅ ଅନ୍ତଃପୁର
ତୃଷାର୍ତ୍ତ ଓଢ଼ଣୋ
ଝୁହଁନାହିଁ ଅପାଙ୍ଗ ନୟନେ
ଏଥି ନାହିଁ ଆଜି ସେ ଦେବତା
ଖୋଲିବାକୁ ତମ ସେ ଓଢ଼ଣା !
ଦେଖିବାକୁ କୁଟିଳ କଟାକ୍ଷ
ମନ୍ଥରତି ଆଜି ତୃଷ୍ଣ ଅତି ତୃଷ୍ଣ
ନାହିଁ ଏଥି ପ୍ରଶ୍ରୟ ଯାଚନା ।
ଧର ଥକା
ଝୁହଁ ଥରେ
ମନ୍ଦିରର ପ୍ରତି କୋଣେ କୋଣେ
ଉର୍ଦ୍ଧ୍ୱନାଦର ଲହର୍ପିତ ଜାଲେ
କେହି ନାହିଁ କେହି ନାହିଁ କେହି ନାହିଁ ଏଥି
ଫେରି ସଖି ଅଶ୍ରୁ କରି ସାଥି ।

ଆଶ୍ୱିନ ସନ୍ଧ୍ୟା,
୧୨-୧୦-୧୯୫୩

ଉଫାର୍ ,

ରାଜଜେମା ଆଜି ବଡ ବିମର୍ଷ
ସାଧିତ ନାହାନ୍ତି ଆଉ ବୀଣା
ବାପ ହେଲେ ଗାଧଚ୍ୟୁତ
ଭାଇର ଉତ୍ତରାଧିକାରୀତ୍ୱ ଯାଇଛି ଫାଙ୍କି
ସେ ରାଜଜେମା କନ୍ୟା ନୁହନ୍ତି ଆଉ
କେମିତି ବା ହେବେ ବାହା ରାଜକୁମାରକୁ - - - ।
ଏ ଭାଲେଣି ପଡିଛି ଧାନଘର
ଧନରିଷ୍ଟ ନାହିଁ ଅନ୍ଧାର
ଚହାଇ କଥା ଗୁଡ
ଚିନ୍ତା ତାଙ୍କୁ କଲଣି ଶୀର୍ଣ୍ଣ

ନାଦଶ୍ରୀ

ଦେଖା ସେ ଦେଖିଲେଣି ନଦୀଧର କ୍ଷୀଣ ନଦୀ ସମ,
ଏବଂ
ହାତ ଶିଆ କଇଁଠ ପରି
ହେଲେଣି ସେ ଜୀର୍ଣ୍ଣ ।
ବେଶ ଭୂଷା ପରେ ନାହିଁ ତାର ସୌକ
ଖାଲିଟେ ହଡ ରକ୍ତର ଆବ୍ରମ ଚୌକ

ବକ୍ଷ ତଳେ ପଞ୍ଜର ହାଡ ଦିଏ ଦେଖା
ଆଖିରେ ଲିଭିଲ କଜଳ ରେଖା
ଦୁଧ ଅଳତା ପରି ଚୋପା ଦିଶିଲାଣି
ନିତମ୍ବର ପୃଥୁଳରେ କଟି ଦିଶୁଥିଲା ସରୁ
କିନ୍ତୁ ଆଜ ଦିଶେ ମୋଟା
ହାୟ ରଜନେମା
ହାୟ ସଜନେମା
ଆଜ ସେ ହେଉଛି କେତେ ହଟହଟା ।
ଅଶ୍ବିନର ମୃଦୁଳ କେତକୀ ଗନ୍ଧେ
ନାହିଁ ଆଜି ଆଉ ଲାବଣ୍ୟବନ୍ତ ଚର୍ଚ୍ଚା
ତାଠାଉ ଗୁନ୍ଦ ଚଢ଼ା
ଖେଳ କଉଡ଼ିକ, ଠାକୁଲ ଠାପସ
ଆକାଶରେ ଯାଉଛି ଲାଗି ଶତାବ୍ଦୀର ବୋମା-ଚନ୍ଦ୍ରମା
'ନାଶା ମୋର ବୃହସ୍ପତି ଗ୍ରହଣକୁ

ଚପାନ୍ତ

ଯୋଗ ଟେକଚଲେ ସମା ,'
ହାସ୍ୟ ହାସ୍ୟ ଗଜ ଜେମା ।
ଜନତାର ଟୋଟିଏ ଫନ୍ଦାରେ
ଉଡ଼ତ ପାଇଚ ଟାର ହିମାଳୟ-ଆଶା
ମନେ ଗଢ଼ଥିଲ ଶ୍ରଦ୍ଧା, ବାଞ୍ଛା ହେବ ବୋଲି
ମନ ମୁତାବକ ଗୋଟିଏ ରାଜପୁତ୍ରକୁ
ସେଥିପାଇଁ ଦବା ରାତ୍ର ବସି
ସାଧିଥିଲ ଜଣା
କେତେ 'ଜୟଦେବ'ର' ରଙ୍ଗ ଧ୍ୱଖାପାରେ'
ପଢ଼ିଥିଲ ପାଠ
ଚନ୍ଦ୍ର ଚନ୍ଦ୍ର ବୃତ୍ତାଗତ କର କାଢ଼ିଥିଲ ଅର୍ଥ
'ଜ୍ଞାତ ସ୍ୱାଦୋ ବିବୃତ ଜଘନଂ କୋକ ନାଞ୍ଚୁ ସମର୍ଥ,'
ଅନର୍ଥ
ଗଜଜେମା କୂଳ କନାର ନପାଇ ଆଜ ଅନ୍ଧ ଆର୍ତ୍ତି ।
ଏମନ୍ତ ସମୟେ ମୁଁ ଯାଇ ଦେଖିଲି ଦପଗନ
ହଠାତ୍ ମୋତେ ଦେଖି, ଗଲ ସେ ଚମକ
ସନ୍ଦେହ ଦୃଷ୍ଟି ଢାଳି ତାର ସଜଣଙ୍କୁ
ଉଠି ପଡ଼ିଲ ସେ ବସିବା ସ୍ଥାନରୁ
ମୋ ଆଗରୁ ଲୁଚିପିବା ପାଇଁ
କିନ୍ତୁ
ମୁଁ

ସେ ମୋତେ ତାର ନତମୁ ଦେଖାଇବା ଆଗରୁ
କହିଲି
'ହେ ରାଜକେମା ! ଶୁଣ, ଠିଆହୁଅ
ମୁଁ ପର ରଜାପୁଅ
ତମେ ରଜାଝିଅ
ମୋତେ ତମେ ଦେବକ ବାହା ,
ଇଚ୍ଛା ଯେବେ କୁହ ।
ସେ ମୋତେ କିଛି ନକହି
ଚରଖି ଗଲା ମୋର ପାଦଠାରୁ ମୁହଁ ଯାଏ—
'ଏ ଯୁବକଟି ରଜାପୁଅ ! ସତ କଥା କହେ'
ତା ଗୁହାଣିରୁ ଶବ ନେଲି ମୁଁ
ଏହାହିଁ ତାର ମୋ ପ୍ରତି ବଗୃର
ବୁଝିଗଲି ମୁହିଁ
ମୁଁ କହିଲି
'ହିଁ ରାଜକେମା !
ତମେ ରଜାଝିଅ
ଆଜ ମୁଁ ରଜାପୁଅ
ସେଥିରେ କୌଣସି କରନା ସନ୍ଦେହ ।'
ତଥାପି ମୁଁ ଯାହା ଦେଖିଲି
ତାର ମୁଖରୁ
ସେଇ ଧାରଣାହିଁ ଅଛି ତାର ମନେ

ତଫାତ୍

ଦ୍ରୁତ ଧାରଣା
ମୁଁ ଫେର ଆସୁ ଆସୁ କହିଲି
'ହଁ ରାଜଜେମା !
ତମେ ରଜାଝିଅ
ମୁଁ ରଜାପୁଅ
ଏ କଥା ନିଶ୍ଚୟ
କିନ୍ତୁ ମୁଁ ସାଧାରଣ ଓ ଜନତାର ଏକ ଅଙ୍ଗ
ଆଉ ତମେ
ସାଧାରଣ ଓ ଜନତାର ଏକ ବ୍ୟଙ୍ଗ
ତମେ ସ୍ତ୍ରୀ
ଆଉ
ମୁଁ ପୁରୁଷ
କିନ୍ତୁ
ଜନତା ରହିଛି ଆଉ
ଆମ ଦୁହିଁଙ୍କର ସଙ୍ଗ ।

ଶ୍ରାବଣ ସନ୍ଧ୍ୟା ,
୧୪-୭-୧୯୫୫ ।

ଅନୁନୟ

ଆଖିବୁଜି ମୁହିଁ ନିତି ନିତି କରେ ଧ୍ୟାନ
ହଜାଇ ଦେଇ ମୋ ଗିଆନ
ତଥାପି ତୁ ମୋର ମନେ କପିଁ । ଆଉ ଆସୁନୁ
ବଢାଦେ ହୁଅଶ୍ରୁ ମଜନ ।
ତୋର ରୂପ ପାଇଁ ଆକୁଳ ଚିତ୍ତ
ବୁଲଇ ମୋ ମନ କାହିଁ ସେ
ବନଗିରି ପୁଣି ନଦ ନଦୀ ଆଉ ସାହାର
ମିଳେ ନାହିଁ ମୋତେ କିନାର ।
ଘୁରି ଘୁରି ପୁଣି ହଜିଯାଏ ମନ କାହିଁ ସେ
ଧରିପାରେ ନାହିଁ ହତାଶେ ।

ଅନୁନୟ

ତୋହର ମାଧୁରୀ ଦେଖିବା ପାଇଁ ଯେ
ପ୍ରତିକ୍ଷଣେ ହୁଏ ପାଗଳ
ବାଟଘାଟ ପରି ଘୁରି ବୁଲେ ମୋର ମାନସ
ତୁ ଡାକୁଗୋ ମୋତେ ଆସ ଜୀବନର 'ହରଷ'
ମୁହିଁ ସନ୍ଧାନ କରି ବୁଲେ କାହିଁ ସୁଦୂରରେ
ଭୂବନ ପବନ ଦୂର ଚକ୍ରବାଳ ଆକାଶ
କାହିଁ ନାହିଁ ତୋର ଠିକଣା
ଏକ କରୁ ମୋତେ ନିରାଶ ।
ମଜନରେ ମୁହିଁ ଲୁହ ଢ଼ାଳିବାକୁ
ଭଲ କିବା ତୁମ୍ଭ ପାଉଛଗୋ
ମୋର ପ୍ରତି ତୋର ଏଇ ଅନୁରାଗ
ଏଇ କିବା କହ ସୁଆଗ
କରୁ ମୋତେ କଂପା ବୈରାଗ
ତୋ ପଦେ ନମିବା ପାଇଁ ମୁହେଁ ନିତି ବୁଲେ
ହୃଦେ ଧରି ସରାଗ ।
ଅଭିମାନ ତୁଛ କରନାହିଁ ଆଜ
ତୁହିଁ ମୋର ପ୍ରତି ବାରେକ
ଢ଼ାଳେ ମୋର ଶିରେ ଅଞ୍ଜଳିକ
ଏଇ ମୋ ଜୀବନେ ଅସୀମ ତୃପତି
ହୃଦୟେ ମଧୁର ପୁଲକ ।
ଦୁନିଆରେ ମୋର କିଛି ଅଛି କିବା

ନାଦଶ୍ରୀ

ଆପଣାର ବୋଲି ନିଜସ୍ୱ
ମୂର୍ଦ୍ଧିଦୂଲ ଚାନ୍ଥୁ ସବହର ପାଖ
ଅଛନ୍ତି ଅତିନ୍ତି ନସ୍ତ୍ର ।
ଲେଉଟାନ୍ତି ଆଜ କିଛୁ ପ୍ରତିଦାନ
ଏତିକି ତୁମନେ ରହିଥା
ନତ ନତ ମୋର ଶିରେ ଦେବୁ ଡାକ
ଜୀବନ ଝରର କଥା ।

ଚୈତ୍ର ପ୍ରଭାତ-୬ ,
୨୧-୪-୧୯୫୬ ।

ଅଗଷ୍ଟ ଅର୍ଘ୍ୟ

ଆଜର ଏ ଅଗଷ୍ଟ ପଦରେ
ଧରିଲି ମୁଁ ପୁସ୍ତକ ଖାତା ,
ଲେଖିଯିବା ପାଇଁ ଟିକେ ନଟେ
କଂକାଳର ଦୁଖ ଭୁଲ୍ କଥା ।
ବର୍ଷ ବର୍ଷ ଇତିହାସ ଧରି
ଆସିଛି ସେ ନର୍ଯ୍ୟାତନା ସତ୍ୱ ,
ଶରୀରର ଶୋଣିତ ଦେଇଥିଲେ
ନିଷ୍ପେଷଣ ମାରଣରେ ହାଇ ।
ଜୀବନର ପୁଷ୍ପ ଝଡ଼ିଲେ
ମରିଚବା ଦେଖେ ଆଶାକରି ,

ବୁଭୁକ୍ଷିତ କୁକ୍ଷି ସ୍ୱର୍ଣ୍ଣଭାଣ୍ଡେ
ନଷ୍ଠୀବନ ମଡଚବା କାହିଁ ।
ଆଜି ତାର ଦେଶ ତ ସ୍ୱାଧୀନ—
ଉଦ୍‌ଘାଟିତ ଏଇ ଦେଖ ବାରେ
କଂକାଳର ତ୍ରି ବର୍ଣ୍ଣ କେତନ ,
କରତା'ରେ ପ୍ରଣିପାତ ବାରେ—
ଆହେ ମୋର କଂକାଳ ଜନତା
ବୁଲନାହିଁ ଆଉ ଦ୍ୱାରେ ଦ୍ୱାରେ ।
ତୁମ ପାଇଁ ଆଜଏ ପତାକା
ତୁମପାଇଁ ଦେଶ ଏ ସ୍ୱାଧୀନ ,
ତୁମ ତପ୍ତ ରୁଧିରେ ତଆର
ଆଜର ଏ ଏସେମ୍ବ୍ଲି ଭବନ ।
ବେତାରରୁ ଭାସି ଆସେ ବାଣୀ - - -
ଅନ୍ୟ ଦରୁ କର ସନ୍ନିଳନା ,
ଚୂଣି କାହୁଁ ଉତ୍କଳନ ସ୍ୱର
ମନଭୁଲ ଲଳିତ ମୂର୍ଚ୍ଛନା ;
ଦେଖ ଆହେ ଜନତା ହେ ଶୁଣ—
'ଦୋକାନତ ଆଜି ସବୁ ବନ୍ଦ
ମିଳିବନି ମୋତେ ହେଲେ ଲୁଣ',
ଆକାଶକୁ ଚାହେଁ ସେ ମୂଲିଆ
ଟୁଙ୍ଗେ ନାହିଁ ମେଘରୁ କରଣ

ଅଗସ୍ତ୍ୟ ଅର୍ଘ୍ୟ

ଖଦରେ ତା' ଛୁଞ୍ଚର କାଦୁଅ
ଗୁଳପାଏ ନହାକା ହୃତ୍ସ୍ଥଳ ;
ପଚାକାଚ ଉଜ୍ଜ୍ୱଳ ମୋଟରେ—
ଚହଲିଲ ସେ ଏଇ ବାବୁଟିକ
ଜଡଥିଲେ ଅଧିକ ସ୍ରୋତରେ ।
ଫଟ୍ ଆଉ ଗୁଲଇ ସହରେ
ମୁକ୍ତବାନା ଉଡଇ ଲହରେ ,
ଅନ୍ଧ ଆଜ ଫଙ୍କ୍ କୋଷ୍ଟୀ ଦଳ
ଚୂମ୍ବନକୁ ଘୃଣ୍ଟ ଦେହଦେ ;
ଭଜ୍ଜମଣି !
ମାନ୍ୟ ଶିଳ୍ପପତି !!
କପାଳରେ ବିଭୂତିକୁ ମାରି ,
ହର୍ମ୍ୟେ ଉଷାହୋଇ ନମସ୍କାରେ
ଯାତ୍ରାର ସେ ବଜଲେକୁ ଠାରି ;—
ଫୁଲଜଠେ ମ୍ଳେଚ୍ଛମୁଖେ ହସ—
'ଗଡସେଟି ଗୃଭଳ କାଲିକ
ହେବନକ ନଗଦ ଯାଚଣ' ।
ଆଭିଜାତ୍ୟ ମାରଇ ଜୃମ୍ଭଣ
ଆସ୍ତମର ଚୌକି ପରେ ଶୋଇ,
ସୋଉଡଇ ଗୁଡାଖୁ ମାଦକ
ପେଟପରେ ଖେଳେ ନଳା ଗୋଇ ।

ନାବଶ୍ରୀ

ମାଂସଳ ତା' ମୋଟା ବାହୁପରେ
　　　　ବାଜେ ଗର୍ବେ ଜନତାର ଶ୍ୱାସ,
ଜନ୍ମାଉଠେ ନାହିଁ କାହାରିଠି
　　　　ତାର ପାଇଁ ଗଣ୍ଡୁଷେ ବିଶ୍ୱାସ ।
　　　　ତଥାପି ସେ ମାନ୍ୟ ଶିଳ୍ପପତି ,
ତାର ମୂର୍ତ୍ତି ପ୍ରତିଷ୍ଠାରେ ଆଜ
　　　　ସୁବର୍ଣ୍ଣର ଜଉଦିଆ ଛତି ।
ସେଇ ସୌଧ ପାର୍ଶ୍ୱେ ସ୍ଥଳପର—
　　　　କପି ଫୁଟ ଟେକର ମକର
ଗୋସେଇଁର ଆଙ୍ଗୁଠିଟା ଗଳ
　　　　ପୋଡ଼ , ପେଟପାଇଁ କଲବଲ ।
ଗୋଟିପରେ ଗୋଟିଏ ଗ୍ରାହକ
　　　　ଆସି ପାଲି ସୁଟେନ୍ତୁ ଦୋକାନେ ,
ନିଜ ଦେହ ପାଣି କରେ ସେ ଯେ
　　　　ଅଟେରର ଆକଣ୍ଠିତ ପାନେ ।
　　　　କେ ବୁଝେ ତା ପେଟର ଗୁହାସ୍ତ
ସଭିଙ୍କ ଆଗରୁ ସେ ଆସି
　　　　ଘରେ ଯାଏ କେତେ ଭେଣ୍ଟ କରି ।
ସନ୍ଧ୍ୟା ତାର ହଜାଏ ଦ୍ରାଘିମା
　　　　ଦୂର ମଳ କାଠ ପୋଡ କୂଳେ ,

ଅଗଷ୍ଟ ଅର୍ଘ୍ୟ

ସିକ୍ତ'ସ୍ମିତ ସଇକତ ପରେ
କଏ ସେତୁ ପିନ୍ଧୁଣିଣୀ ଚ'ଲ;
କଣ୍ଠେ ତାର ବାଜଇ ଆହ୍ୱାନ ,
ତଣ୍ଟି ତଳେ ନଦୀ ଢେଉ ଖେଳା
ସହରର ମାର୍ଗେ ବୁଲେ ବ୍ୟୁକ୍
ଗତିଶୀଳ ଜନତାକୁ ପେଲି ;
ଆଜିଏତ ଅଗଷ୍ଟ ପନର—
ଆକାଶର ନସ୍ୱନ ପଲକ
ତାସ୍ୱ ମଧେ ହୁଏ ଥର ଥର ।
ପଥପରେ ଜଳଙ୍କଟ ବଣ୍ଟ
ଝକ୍‌ମାବାନ୍ଧ ଲଗାଏ ତା'ପିକା,
ଦିନ ସାରା ଧୂଉ ବୁଲି ସେ ସେ,
ଲାଗିଲାଣି ମନେ ବଡ ଫିକା ;
ବୁଡ଼ଳିଆ ଗଣ୍ଡଠେ ମୋକଷ
ନାଚ ନାଚ ହେଲାଣିତ କ୍ଲାନ୍ତ
ବାରବଧୂ,—ହାସ୍ୟରେ ଧତାଣ;
ଆଜି ଆହେ ଅଟେ ପନର
କାର ପ୍ରାଣେ ନାହିଁ ଷଳେ ହେଲେ
ବିଶ୍ରାନ୍ତିର ସାମ୍ୟ ଉପଭୃତ ।
ମହାନଦୀ ସଇକତ ତଟେ
କ୍ଷୀଣ ଜଳ ହୁଅଇ ଉହ୍ନ

ନାଗେଶ୍ରୀ

ଶ୍ୟାନ ବୃତେଲ ପାଦ ଟିପି ଟିପି—
ଚଞ୍ଚଳର ବସନ୍ତ ଉଚ୍ଛ୍ୱାସ ।
ମନୁଆ ତା' ଢୋଲା ନାଚଉଥା'ଇ,
କପାଇଁ ତେସ ଅନାଇ ବସିଛ
କାହାର ସେ ଆଗମନ ପାଇଁ ?
ଜୀର୍ଣ୍ଣଢୋଲା କରେ ବେମନ୍ଥନ
ତକ୍ତ କୋଣୁ ବନ୍ଧ ଆସେ ଲୁଦ ;
ହରି ମୃତ ଦେଲଣିଛ ସେଥି
ବାଟ ତମାମ ହେଲଣିରେ ରୁଦ୍ଧ ।
ପୁରୁଣା ମୋ ଖାତା ଧଣ ସେଠି ,
ବସିଥିଲି କ ଲେଖିବ ବୋଲି ;
ସ୍ୱାଧୀନ ଏ ଦେଶର ବାରତା
ଗୋଟି ଗୋଟି ଖୋଲ ଖୋଲି ଖୋଲି ।
କହୁ ମୁହିଁ ନପାରିଲି ଲେଖି
ଶେଷ ଗଲା କଲମରୁ ଶୁଖି ,—
ଆରପାରେ ଡାକେ ଭିକାରୁଣୀ
ଦୁନିଆରେ ମୁହିଁ ଏକା ଦୁଖୀ,
କଣି ଚାଲ ବୁଜଇ ପଲକ—
ଆହେ ମୋର ଅଗସ୍ତ ପନ୍ଦର
ସେନ ମୋର ଅର୍ଘ୍ୟର ପୁଲକ ।

୧୫-୮-୧୯୫୫ ।

ଗଙ୍ଗାଧର

ପଢ଼ି ନାହିଁ ପାଠ ଦେଖି ନାହିଁ
ବିଶ୍ୱ ବିଦ୍ୟାଳୟ—
ଜନ୍ମ ନାହିଁ ସଭ୍ୟତା ସମାଜେ
ଅବା ପ୍ରଶସ୍ତ ନଗରେ
ତଥାପି ତୁମକୁ ଉତ୍କଳ
ଅବନତ ଶିରେ ନମସ୍କାରେ ।
ମାଟିର କୁଟିର ତଳେ
ଖେଳିଥିଲା ତୁମର ଶରୀର
ଘର ପରେ ପାଳର ଛପର
ସେଇ ଶ୍ରେଷ୍ଠ କୁଟୀର ହସାଇ
ଆସିଲ ହେ ନୂତନ ଅତିଥି;

ନାଦଶ୍ରୀ

ପ୍ରଭାତର ମାଙ୍ଗଳିକ ଲଗ୍ନେ
ଉଦିଲ ହେ ସାହିତ୍ୟ ମିହିର ।
ତୁମର ସେ ଆଗମନ ଦେଖି
ହସିଥିଲା ନାଚିଁ ଉତ୍କଳ
ପଞ୍ଜିକାର ଦେଖିଥିଲା କିଏ
ଭବିଷ୍ୟର ଭଲ ମନ୍ଦ ଫଳ ?
ଜାତକ କି ଲେଖିଥିଲେ କେହି!

'ଏ ପିଲାଟି ହେବ ଶ୍ରେଷ୍ଠ କବି'
ଜ୍ୟୋତିଷ୍‌କାର ଥିଲା କିବା କହି!
ତୁମ ଜନ୍ମେ ହସିଥିଲା ତୁମ
କୁଟୀରର ମୃଣ୍ମୟ ପ୍ରାଙ୍ଗଣ
ହସିଥିଲେ ତୁମ ପିତା ମାତା,
କିନ୍ତୁ ନୁହେ ତୁମ ଦେଶଗଣ
ତୁମେ ଉଠି ଫୁଟାଇଲ ଫୁଲ
ଏ ଉତ୍କଳ କବିତା କାନନେ
ବାଣୀ ପୂଜା କଲ ସମାଦରେ
ସତତେ ହେ ଗୀତ କାନେକାନେ,
ବରପାଲି ନାଆଁ ଗଲା ଶୁଣା
ସମୀରଣ ବୁଏ କିବା କହ
କୁସୁମିତ ଗନ୍ଧେ ବାରବଣା ?

ଗଙ୍ଗାଧର

ଉତ୍କଳର ମାଧୁର୍ଯ୍ୟ ଆକାଶେ
ଉଦିଲ ହେ ନବ ରବି ସମ
ପ୍ରଭାତର କୁଜ୍‌ଝଟିକା ଭେଦି
ଢାଙ୍କି ଥାରେ ପ୍ରତିଭା-କିରଣ
କେତେ ନାଶିକା କୁଞ୍ଚନ
ଅନୁର୍ବର ବଚନ
ପ୍ରତିଭାର ଉଷ୍ମ କରବାଳେ
ଛିନ୍ନିଲ ତା' ଆତ୍ମା ପ୍ରବଞ୍ଚନ ।
ଉତ୍କଳର ପ୍ରକୃତି-କପାଳେ
ଦେଇଗଲ ହେ ସିନ୍ଦୂରର ଟିକା
ମୁଖେ ତାର କାଶ ମୃଦୁ ହାସ
ଶୀର୍ଣ୍ଣତାର ହସ୍ତ ମୃଣାଳରେ
ପିନ୍ଧାଇଲ କୁସୁମର ଶଙ୍ଖା ।
ବାଣୀ ପୂଜା କରିଗଲ ହେ କବି
ହାତେ ଧରି ନମ୍ର 'ଅର୍ଘ୍ୟଥାଳି'
ଉତ୍କଳର କାବ୍ୟ ଶ୍ରୀ ନନ୍ଦନେ
ଫୁଟାଇଲ 'ପ୍ରଣୟ ବଲ୍ଲରୀ'
'ତପସ୍ୱିନୀ'
ସକଳ ଜୀବନ ସପି
ଦେଇଗଲ ହେ ମୁନଧାରେ ଶାନ୍ତି
ତେଣୁ ଆଜ ଗାଏ ଶ୍ଲାଘ୍ୟ

ନାଦଶ୍ରୀ

କରେ ବନ୍ଦନା
ଢାଳିଚବ କାବ୍ୟ ସୁଧା କଣା
ଅନ୍ତର ଉଜ୍ଜ୍ୱଳ
କରେ ନମସ୍କାର
ଭୁଲ ପଢେ ଦେଇ ଶଜପୁର ନିକା
ହେ ଗଙ୍ଗାଧର
ତୁମେ ସେଇ
ମୃତ୍ୟୁ ପାର ଲେଖିଗଲ ନିଜ
ଜୀବନର ଜନନ ପଞ୍ଜିକା ?

ଶ୍ରୁତ ନିର୍ଣ୍ଣୟ

ବସନ୍ତର କଣ୍ଠମୂର୍ଚ୍ଛା ଚର୍ଚ୍ଚିତ ପ୍ରାଙ୍ଗଣେ
ଜାଳିଲକେ ଖଦ୍ୟୋତର ଉଜ୍ଜ୍ୱଳଦୀପ୍ତି ?
ଚମକିଲା ବଶ୍ୱ-ବକ୍ଷ ଗୁରୁ ଗରଜନେ
ସ୍ୱପ୍ନ ଭଙ୍ଗେ ଚାହିଁଲକେ ନେତ୍ର ନବନ ଫେଡ଼ି—
ବସୁଧାରେ ଆସିଚ ଯେ ଅଜସ୍ର ବର୍ଷଣ
ବ୍ୟର୍ଥହେଲା ବ୍ୟର୍ଥହେଲା ସକଳ ତୋଷଣ ।

ମଧୁ-ଗନ୍ଧ-ମୃଦୁ-ବାହୁ-ବେଷ୍ଟିତ-ଛେବନେ
କୃଷ୍ଣାର ରଜତାଙ୍କିତ ଚନ୍ଦ୍ରର ପ୍ଲବନେ ,
ତନ୍ତ୍ରୀର ଶ୍ରୁତ ମିଳନ କରୁଥିଲା ସେଥି ,
ଗାଇଯିବ ବୋଲି ପ୍ରାଣ ମଧୁ-ରସ-ଗୀତ ।

ନାଦଶ୍ରୀ

ହେଲ ସ୍ୱପ୍ନ ଭଙ୍ଗ ଅଧା ଚହଲ କଳ୍ପନ
ଶୁଣିଲ କର୍ଣ୍ଣ ଭେଦି—
ଘନ ଅରଣ୍ୟର ଗ୍ରାମ ଧଇବତ ନାଦେ ,
ମାରବତ ବଚଞ୍ଚକା ନିକ୍କଣିକ ନଷାଦେ ।

ଦିଅ ଆଜି ଭୂମି ଅଧୀକାର

ଦିଅ ଆଜି ଭୂମି ଅଧୀକାର,
କେତେଦିନ କରିବ ହେ ତୁମେ ଆଜି ସେଇ ମାଟିର ବନ୍ଧୁର-
ଦିଅ ତୁମ ଭୂମି ଅଧୀକାର ।
ଜନତା ମୋ ସହ୍ରିଲକ୍ଷୀ କେତେ
ତୁମର ସେ ବୃବୁକ ଅଧାର
ତୁମେ ଗଢ଼ି ମେଡ ଓ ମଣ୍ଡପ,
ଦିଅ ତାକୁ ଅଧା ପେଟ ଭାତ ।
ଜଢ଼ ତାକୁ କୁଲିଆ ମୂଲିଆ
କରତାକୁ କୁକୁରଠୁଁ ଊଣା
ପିନ୍ଧିବାକୁ ମିଳୁନାହିଁ ଖଣ୍ଡେ
ଜୀର୍ଣ୍ଣ ଶୀର୍ଣ୍ଣ ଲୁଗା; - ଚନ୍ତୀବୁଣା ।

ତାର ଅଶ୍ରୁ ନେଇ ତୁମେ କର
  ସକାଳର ଅଧାଧୂଆ କଫି
ମଧ୍ୟାହ୍ନର କ୍ଷୁଧିତ ଆହାର—
  ମାଂସ ତାର କଲିଜାରୁ କାଟି ;
  ତାର ପ୍ରତି ଏଇ ତୋ ବିଚାର

ଜମିଦାର ତୁଚ୍ଛ ଆଜ ତୁମେ ଦିଅ ତାକୁ ଭୂମି ଅଧିକାର ।
ଭୂମି କଣ୍ଠେ ଯେ ଗାଇଲା ଗୀତ
  ବକ୍ଷେ ଧରି ଲକ୍ଷ୍ମୀର ଚରଣ
ତାର ବକ୍ଷ ଚିରି ତୁମେ ଦେଲ
  କଣ୍ଠେ ଭରି ସଙ୍ଗୀତ କରୁଣ,
ମାଂସଳ ତା', ବାହୁପରେ ତୁମେ
  ଆଙ୍କିଚ ଯେ କୁରଢାକୁ ଟାଣି
ଶୁଖିଲା ତା' ଉଦରରୁ ସ୍ୱାସ୍ଥ୍ୟ
  ଛିନ୍ନ ଭିନ୍ନ କଲ ଝୁଣି ଝୁଣି,--
  ତାର ପ୍ରତି ଏଇ ତୋ ବିଚାର

ଜମିଦାର ! ତୁଚ୍ଛ ଆଜ ଭୂମି ମାଗେ ଦେଖ ବିନୋବା ଧଗାଲ୍ ।
ଯାଉ ଆଜ ସାଗରରେ ମିଶି
  ଯେତେ ସବୁ ସର ନଦ ନଦୀ,
ଉତ୍କଟ ଯେ ବନ୍ୟାର ପ୍ଲାବନ;
  ପାରିବକି ତୁମେ ତାକୁ ରୋଧି ?

ଦଅ ଆଜ ଭୂମି ଅଧୀକାର

ଚାଲ ଚାଲ ସେଇ ପଥେ ଚାଲ;
ଛାଡ଼ ତୁମ ଭୂମି ଅଧିକାର
ସରଳର ସାମ୍ୟ ସୁଧା ପିଇ,
ହୁଅ ଆରେ ଶାନ୍ତ ନିର୍ବିକାର ।
ଜନ ପାଇଁ ଦଅ ଭୂମି ଆଜ
ଛଳନାର ବେବସା ଦେଖାଇ, ଭଣ୍ଡ ବେଶ ହୁଅନାରେ ସାଜ ।
ଜମିଦାର ଦଅ ଆଜ ଭୂମି
ରଖନାହିଁ ଆଉ ତୁମ ପାଶେ
ବନ୍ଧା ତୁମେ ଆଜରେ ପିଶାଚ
ଜନତାର ଭୁଜଙ୍ଗମ ପାଶେ ,
ଚଉଦିଗ ରୁଦ୍ଧ ତୁମ ବାଟ
ଯିବ ଅବା କୁଆଡେ ଫିଟାଇ
ହାତେ ଥିବା ଲୌହର ଶିକୁଳି
ପାରିବକି କହରେ ଛୁଟାଇ ?
ପଡ଼ିରହ ସେଇ ଗଡ଼ପୁରେ ।
ସବୁବନ୍ଦରେ ତୋପାଇଁ ନୂଆ ଦିନକରେ ଥରେଦେଲେ ଝୁରେ ?
ଜମିଦାର ଦଅ ତୁମ ଭୂମି
ହୁଅ ଆଜ ଜନତାର ଅଙ୍ଗ,
ବ୍ୟାଜ ଆଉ କଳନାରେ ତୁମ୍ଭ
ମୂରଖ ମାଣ ଶସ୍ତା ଢାଉରଙ୍ଗ,

ଗ୍ୱେର ତୁଇ ଧର ଦେଇଅଛୁ
ନାହିଁ ଆଜ ତୋ ପ୍ରତି କରୁଣା ,
ସେକାଳ ତୋ ଦଇବରେ ରୁଳି,
ଆଜି ତୋର ପାଇ ଅଛି ଘୃଣା,
ହୁଅନାରେ ଆଉଜୁ ଉପୁତ,—
ଯିଧା ଦିଧା ହଅରେ ବତାଇ ତୋର ସେଇ ସକଳ ଯତନ ।
ଜମିଦାର କର ଭୂମିଦାନ.
ପୁଞ୍ଜିପତି ମୁକ୍ତି ସ୍ୱର୍ଣ୍ଣଦାନ ,
ଜନତାର ଅଧା ପେଟ ପୁରୁ
ଦେଉଛି ତାର ଶୋକ ଅବସାନ,- -
ଛଦନାବାଜୀ ମାନେ ଆଜେ ଭିକ୍ଷା
ବୁଲି ବୁଲି ବାର ଦ୍ୱାର ଦେଶ,
ମୁଣ୍ଡ ଝାଳ ତୁଣ୍ଡରେ ସେ ମାଗି;
ମୃଛନାକି ତାର ଖେଦ କ୍ଲେଶ ?
ଜମିଦାର ଦାଅ ଭୂମି ଟୁଣ୍ଡ ,
ଶ୍ରମିକ ଙ୍କ ଅନ୍ତରରେ ପିଶାଚ ଦୂରୁ ଶୁଣେ ବନୋବାର ରଡ ।
ଦାଅ ଆଜି ଭୂମି ଅଧିକାର
ଦେଖାନା ତୁ ଆଜ ଲୋଭ ପଣ
ତୋର ସେଇ ମାଟି ବକ୍ଷ ପରେ
ଜନତାର ଫୁଟିବ ଜୀବନ,

ଧନ୍ୟ ଆଜି ଭୂମି ଅଧିକାର

ଭୁଲ ତୋର ଅତୀତର ସେଇ
ନିଷ୍କରୁଣ ତୀବ୍ର ବେତ୍ରାଘାତ
ତୋତେ ଅଜ୍ଞ ମଣି ସେ ଦେବତା
କଣବରେ ପାଦେ ପ୍ରଣିପାତ ।
ଜମିଦାର !
ଧନ୍ୟ ତୁମେ ଭୂମି ଅଧିକାର—
ଆଜିର ଏ ମଙ୍ଗଳ ପ୍ରଭାତେ କରନା ତୁ ଅଜ୍ଞ ତିରସ୍କାର !

ଜୀବନ

ହେ ଜୀବନ
ଆଜ ପୁଣି ତବ ଜନ୍ମ ତିଥି ।
ଚନ୍ଦ୍ରାଲୋକେ ଅବା ଅନ୍ଧକାରେ
ଅବା କେଉଁ ତମସ ସନ୍ଧ୍ୟାରେ
ପ୍ରଭାତର କେଉଁ ଅରୁଣ ଆଲୋକେ
ଅବା କେଉଁ ଧୂସରିତ ପ୍ରଦୋଷେ
ପଥଧାରେ ଅବା କେଉଁ ନିର୍ଝରିଣୀ ତଟେ
ପିକ ଡାକେ ଅବା କେଉଁ ମଧ୍ୟାହ୍ନର କଟପାତ ବାତ୍ୟନେ
ସୁଖେ ଅବା ଦୁଃଖେ,
ହର୍ଷେ ଅବା କ୍ରୋଧେ
ଛବିଶଟି ବର୍ଷ ଗଲା—ପାଇଛି

ଜୀବନ

ଯାଇଛି ସେ ଯୁଗ
ହେ ଜୀବନ
ଆଜ ପୁଣି ତବ ଜନ୍ମ ତିଥି ।
ରଚସ୍ମିତା ଜ୍ୟୋତ୍ସ୍ନାବୃତ ପୂର୍ଣ୍ଣିମା ଚନ୍ଦ୍ରମା
ଆଜ କ୍ଷୟ ଖଣ୍ଡିତ ପାଣ୍ଡୁର ବଦନ
ନାରିକେଳ ଚୂଳେ ସଜଳ ନଭସ ପ୍ରାନ୍ତେ
ହସେ, ଖସିଆସେ ଧୀରେ କ୍ଳାନ୍ତ ମୁଖୀ,—।
ଦେବାଳୟ ଶିରେ, ଶ୍ୱେତ ପାରାବତ
ନିଦ୍ରାରୁ ଉଠି, ଜଳସିକ୍ତ ଡେଣା ମେଲି
ଚଞ୍ଚୁ ଧାରେ ପୋଛାଡଇ
ଦୁର୍ବଳ ଆଜ ମ୍ଳାନ ପକ୍ଷ
ଯାହା ସବୁ ପ୍ରାଚୀନ ରଙ୍ଗହୀନ ସବୁ ତ୍ୟଜ୍ୟ
ନବୀନର ମହୋଲ୍ଲାସେ ପୁଲକିତ ଗାତ୍ର ।
ପଶ୍ଚାତ୍‌ପଟରେ ପଡ଼ିଲାଣି ଫିକା ସ୍ଥବିର ମୃତାଙ୍କ
ଝଡ଼ ବକୁଳର ଦେହେ ଶବଶର କୁତ୍ସିତ କଳଙ୍କ ;—
ଅନ୍ଧାରର ଘୋର ଉଦ୍ଭାବନ ଗର୍ଭର ଇସ୍ତାହାର
ଗହ୍ୱର ଜୀବାଣୁ ପରି ମାଗେ ମୋତେ ଜନ୍ମ ଏଥି
ହେ ଜୀବନ
ଆଜ ପୁଣି ତବ ଜନ୍ମ ତିଥି ।
ହେ ଜୀବନ
କି ଲକ୍ଷ୍ୟ ସାଧନା ତବ କରେ ମତେ ନିର୍ମମ ପୀଡନ ?

ନ୍ୟାଦଶ୍ରୀ

ମାତୃ ଦୁଗ୍ଧ ବାତ୍ସତର ସରଳ ଶୃଙ୍ଖଳ୍ୟ ପରିହରି
ଆସିଲି ମୁଁ ତୋ ସାନିଧେ ମାପିବାକୁ ଜୀବନ
ବୀଣାରେ ଖଞ୍ଜିଲି ସ୍ୱର
ବେଣୁ ରନ୍ଧ୍ରେ ଦେଲି ଫୁଙ୍କି ମଳୟ
ଟଳ କ୍ଷଣକାଳ—
ହେଲା ବିଳୟ
ଛୁଟିଗଲା! ତାର
ବେଣୁ ରନ୍ଧ୍ର ହେଲା ବହୁ'ଶତ
ଅପସୃତ ଖାଲି ଅପସୃତ
କାହିଁ ତାର ମଧୁମୟ ଗୀତ ?
ନବ ଜୀବନ
ଆଜ ମୁକ୍ତି ତବ ଜନ୍ମ ତିଥି !
ହେ ଜୀବନ
ପତଶ୍ରୀର ମର୍ମରିତ ସ୍ୱନେ ଦିଗ୍‌ବଳୟ କଂପନ ।
ନଭ ଚିରି ଫୁଟି ଉଠେ ତରୁଣାର୍କ ଲପନ
ସିନ୍ଧୁ ବକ୍ଷେ ଭାସେ କୁଙ୍କୁମିତ ଭେଳା
ଲହରୀ ଚୁମଇ ସୈକତ ମସୃଣ ଚିବୁକ
ମରୁ ଆଜ ସବୁ ଶୋଭା ଠୁଳ କରି ବଦଳନ୍ତ
ଥୋଇଛି ପ୍ରକୃତ ରାଣୀ ଅଖଣ୍ଡ ସୌନ୍ଦର୍ଯ୍ୟ
ତଥାପି ମୁଁ ପାରେ ନାହିଁ ଭେଟି
ଏକ ଭଲା କହଟି କଦର୍ଯ୍ୟ ?

ଜୀବନ

ହେ ଜୀବନ
ଭୁଲଯାଏ ଆପଣାର ଗୋଟି ଗୋଟି ଶ୍ୟାମାପ୍ଳିତ ଦନ ।
ମୁକୁତଗୁଚ୍ଛ ଧରଇ ପଲ୍ଲବ
କେବେ ନୂଆଁ
କେବେ ପୁରୁଣା
କେବେ ବା ନୂଆଁ ଓ ପୁରୁଣା
ଖେଦ-ଅବସାଦ
ଅପମାନ ପରାଭବ
ଜୀବନର ଛନ୍ଦତଳେ
ଶବଳିତ ପ୍ରାଣ ମୋର
ଆଖିବୁଜ
ମର୍ମମୂଳେ ବୁଲାଏ ଯେବେ ସେ ହାତ
ଦେହର ଗଭୀର ନିଶୀଥେ
ଫୁଟି ଆସେ
ଗୋଟି ଗୋଟି
ପାର୍ଦ୍ଧ ଅମ୍ଲାନ
ବଜାଏ ବଂଶୀ ରନ୍ଧ୍ରେ
ମଧୁ-କଣ୍ଠ ଗୀତ
ହେ ଜୀବନ
ଆଜ ପୁଣି ତବ ଜନ୍ମ ତିଥି !
ସ୍ମୃତି ତଳେ ମନ ଖୋଜେ

ନାଦଶ୍ରୀ

କହ୍ନପିବା ପାଇଁ କେତେ ଅପାର କାହାଣୀ
ନଫୁଟଇ ଭାଷା ଜିହ୍ୱାଗ୍ରେ ଜଡ଼ିମା ଭରେ
କଣ୍ଠ ନାଳ ମରି ମରି ଯାଏ
ମଉନେ ମଉନେ ହଜିଯାଏ କେତେ ଗୋପନତା
ହାୟ ! ଜୀବନ ଏକ କଷ୍ଟ ସତେ
ତୁମର ଏ ମଧ୍ୱା ମାରବତା !
ହେ ଜୀବନ
ଅକାଳବୃଷ୍ଟି ଆଜି କରଇ ତୁମରେ ଦର୍ପ ସେମନ୍ଥନ
କେଉଁ ଆଶା କେଉଁ ସେ ନିରାଶାକୁ ପାଥେୟ କରି
କରି ପ୍ରଦକ୍ଷିଣ ଏଇ ବସୁଧା ବଳୟେ
କିବା ତୁମ କାମନା
ସୁଖ ଅବା ବେଦନା—ଅବା ସୁଖ-ବେଦନା—
ଦେବ—
କରି ପୂର୍ଣ୍ଣ
ଦିଅ ତୁମ ଅତି ଆଗ୍ରହର ଦାନ ।
ଯା' ଦେବତେ କରି ଅନୁଗ୍ରହ
ତା'ରେ ମୁହିଁ ମଣିବ ସମ୍ମାନ
ନକରିବ ଆଉ ପ୍ରବଞ୍ଚନ
ଆପଣାକୁ କରି ଆଜି ସାଥୀ
ଚାଲିବି ମୁଁ ଅତି ଦୂର ପଥ
ହେ ଜୀବନ

ଜୀବନ

ଆଜର ଏ ଛବ ଜନ୍ ବାସେ
ଘେନ ମୋର ହାର୍ଦ୍ଦିକ ବନ୍ଦନ ।

ତରୁଣ କବିର ଖେଦ

ନିଖିଳ ମୋ ଜୀବନ ଜଳାଇ ଲେଖିଲି ମୁଁ ଏଇ ଯେ କବିତା
ସଖି ମୋର ଦଳ ନାହିଁ ପାଦେ ଏତ ମୋର କରୁଣର ଗୀତା,
ସଜାଅନା ତାରେ ପଛେ ତୁମେ ତୁମର ସେ କର-ଶତଦଳେ
ଇଚ୍ଛା ଯଦି ଭିଜାଅ ଗୋ! ଆଜି ନୟନର ସ୍ନିଗ୍ଧ ଅଶ୍ରୁଜଳେ ।
ତାରେ ମୁହିଁ ଲେଖିଚି ବସି ଜୀବନର ଲହୁ ଲୁହ ଦେଇ
ଅନ୍ତରର ସକଳ ବେଦନା-ସ୍ନେହ ଭରେ ଗୋଟିଗୋଟି ଫେଇ ।-
ଗୋଟି ଗୋଟି ସଜାଡିଚି ତାରେ ସ୍ମରଣର ପୂଣ୍ୟ ରେଣୁ ଢାଳି
ଜୀବନର ସର୍ବସ୍ୱ ନିଗାଡି , ଦେହ-ଧୂପେ ସଳିତାକୁ ଜାଳି ।
ତୁମେ ଯଦି ନ ଦେନ ସାଦରେ—
ପଡିରହୁ କ୍ଷୁବ୍ଧ ଅନାଦରେ କେଉଁ ସେସେ ବନପଥ ଧାରେ ।

ତରୁଣ କବିର ଖେଦ

ସେଇ ପଥେ ନଇଁଚ୍ ଗୋ ଦୂବା ସମୀରଣେ ମଥା ଦୋହଲାଇ
ତାରି ଚୂଳେ ନଥରୁ ତୁଷାର ଉପଷୀର ମୟୂଖ ଖେଳାଇ ।
ନର୍ଝରରେ ଗୁମ୍ଫା ତାରିପରେ ଦୂରେ ରହୁ ସ୍ନିଗ୍ଧ ବନସ୍ଥଳି
ଡାକପାଉ ଦୂରେ ପରଭୃତ ନଶୁଣି ତା' ସରସ ଧ୍ୱନିଟି ।
ନର୍ଝରୁ ତା' ପରେ ମୁଗ୍ଧ ଚନ୍ଦ୍ର ଦୂରେ ସ୍ୱାଦ୍ ନେଉ ପବମାନ
ତାରି ପାଇଁ ନରହୁ ଗୋ ପଛେ ଏକଜଗତ ଚଳେ ସନମାନ ।
ଗୋଲାପର ନିଶୀଥ ପାଖୁଡ଼ା ତାରି ବକ୍ଷେ ନଝଡ଼ୁ ଗୋ ପିନା
ତାରି କାନେ କହୁ ସେ ଯେ ନିଜେ ଆପଣାର ଅପୂର୍ଣ୍ଣ ବେଦନା ।
ଛନ୍ଦ ତାର ଯାଉଚାଲି ହଜି
ଶତସ୍ମୃତି ସମାଧି ଅନ୍ତରେ ପଡ଼ିରହୁ ଶୂନ୍ୟ ବୀଣା ବାଜି ।

ଯେ କବିତା ବସି ସେ ଆଙ୍କିଚି ପତ୍ରର ଶେଷବିନ୍ଦୁ ଦେଇ
କେ ଦେଖିବ ତାର ଶତପଟ ଗୋଟି ଗୋଟି ପୃଷ୍ଠା ଲେଉଟାଇ
ତାରି ତଳେ ରହିଚି ଗୋପନେ ଅଶ୍ରୁଭିଜା ଦୁଇଟି ନୟନ
ଆକୁଳ ବ୍ୟଥିତ ହୃଦୟର ଚଦଳିତ ଅକୁହା କଥନ ।
ଧରାପରେ ଯା ଦେଇଚି ଛନ୍ଦ ନିଗାଳାଇ ସ୍ତବ୍‌ଧେ ଆଖିପତା
ତାରେ ସେସେ ଲେଖିଚି ପଢ଼ନେ ନକହ୍ନିଗୋ ପଦେହେଲେ କଥା
ସେଇ ରୁକୁ ଅକ୍ଷର ଶରୀରେ ମାରେ ଯେଉଁ ହୃଦୟ ସ୍ପନ୍ଦନ
ଜାଣ ସଖି ତାଁ'ର ତଳେ ଝୁରେ ଛିନ୍ନ ଏକ କ୍ଷୁବ୍ଧ ଜୀବନ ?
ବୁଝୁନାହିଁ ଯେବେ ତାର ମୂଲ
ତୁଅଁ ନାହିଁ ତ୍ୟକ୍ତ ଏଥ କବିତା କର ନାହିଁ ତାରେ କଲବଲ ।

ଏ କବିତା ଦେହେ ପୁଣି ଅଛି ଜୀବନର ସହସ୍ର ବେଦନା
ଶତଫୁଲର କୋମଳ ସୁରଭି ପୁଣି ଶତ ସ୍ନେହର ବନ୍ଦନା ।
ତାର ଅଙ୍ଗେ ଅଛି ପ୍ରିୟତମେ ଜୀବନର କୁଙ୍କୁମିତ ଶ୍ୱାସ
ତାର ପାଇଁ ପରଶେ ଭରିଛି ଅମରଣ ଅନନ୍ୟ ବିଶ୍ୱାସ,—
(ହତଶ୍ରୀ) ତାର ବକ୍ଷେ ନଫୁଟୁ ପଛକେ ଅନାଦୃତ ଦୁର୍ବାଦଳପୁଷ୍ପ
ସେମାନଙ୍କେ ମିଶି ଯାଉ ପିନା ଧରି ନବ ମରକତ ବାଷ୍ପ
ଭାସିଯାଉ ସୁଦୂର ସୀମାନ୍ତେ ତାରେ କେହି ନଦେଖୁ ଲୋଚନେ
ଆରପାରେ ହେଉ ଗୋ ମିଳନ ପ୍ରଭାତର ସେ କେଉଁ ଲଗନେ
ତାରେ ତୁମେ ଦିଅ ଚିହ୍ନି ଆର
ପଥ ପ୍ରାନ୍ତେ ଦେଖିଲି ସେ ଯେ ଜୀବନର ଶେଷ କାବ୍ୟ-ଗୀର ।